RNI No.ODIODI/2010/33031
୧୭ ବର୍ଷ Volume-17
ISSUE -04 ସଂଖ୍ୟା-୦୪
ଭୁବନେଶ୍ୱର, ରବିବାର ୦୮ ମାର୍ଚ୍ଚ ୨୦୨୬
Bhubaneswar, Sunday 08 March, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପଡ଼ୋଶୀ ଦେଶ ଉପରେ ହମଲା ପାଇଁ କ୍ଷମା ମାଗିଲା ଇରାନ

ନୂଆଦିଲ୍ଲୀ,୭।୩(ନି.ପ୍ର.): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଆହୁରି ସଙ୍ଗୀନ ହେବାରେ ଲାଗିଛି। ଏହା ମଧ୍ୟରେ ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିୟନ ପଡୋଶୀ ଦେଶକୁ ହମଲା କରି ଥିବାରୁ କ୍ଷମା ମାଗିଛନ୍ତି। ସେ କହିଛନ୍ତି, ଏବେ ଇରାନ ନିଜର ପଡ଼ୋଶୀ ଦେଶକୁ ହମଲା କରିବ ନାହିଁ। ପେଜେଶକିୟନ ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏକ ଭିଡିଓ ସନ୍ଦେଶରେ କହିଛନ୍ତି ଯେ, ମୋତେ ଲାଗୁଛି ସେହି ପଡ଼ୋଶୀ ଦେଶଗୁଡ଼ିକୁ କ୍ଷମା ମାଗିବା ଜରୁରୀ ଯାହାଙ୍କ ଉପରେ ହମଲା ହୋଇଛି। ସେ କହିଛନ୍ତି, ଆମର ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାର କୌଣସି ଉଦ୍ଦେଶ୍ୟ ନ ଥିଲା। ଆମେ ଶାନ୍ତି କାଏମ କରିବା ପାଇଁ ସମସ୍ତ ପଡ଼ୋଶୀଙ୍କଠୁ ସହଯୋଗର କାମନା କରିଛନ୍ତି।

ପେଜେଶକିୟନ କହିଛନ୍ତି, ଏବେ ପଡ଼ୋଶୀ ଦେଶ ଉପରେ ହମଲା ନ କରିବାକୁ ସୈନ୍ୟ ବଳକୁ ଆଦେଶ ଦିଆଯାଇଛି। କୁହାଯାଇଛି ପଡ଼ୋଶୀ ଦେଶ ଉପରେ ସେ ପର୍ଯ୍ୟନ୍ତ ହମଲା କରିବ ନାହିଁ ଯେ ପର୍ଯ୍ୟନ୍ତ ସେମାନଙ୍କ ତରଫରୁ ହମଲା ନ ହୋଇଛି। ସେ ଏହା ମଧ୍ୟ କହିଛନ୍ତି, ଯେଉଁମାନେ ଏହି ସୁଯୋଗର ଫାଇଦା ଉଠାଇ ଇରାନ ଉପରେ ହମଲା କରିବାକୁ ଚିନ୍ତା କରୁଛନ୍ତି, ସେମାନଙ୍କୁ ସାମ୍ରାଜ୍ୟବାଦର କାଠପୁତୁଳା ହେବାକୁ ଦେବା ନାହିଁ। ଇସ୍ରାଏଲ କିମ୍ବା ଆମେରିକାର ସମର୍ଥନ ଦେବା ଇଜ୍ଜତ ଓ ସ୍ୱାଧୀନତାର ରାସ୍ତା ନୁହେଁ।



ବର୍ତ୍ତମାନ ଏହି ଯୁଦ୍ଧ ଶେଷ ହେବାର କୌଣସି ସଙ୍କେତ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଇସ୍ରାଏଲକୁ ୧୫୧ ନିୟୁତ ଡଲାରର ମୂଲ୍ୟର ନୂତନ ଅସ୍ତ୍ରଶସ୍ତ୍ର ବିକ୍ରୟକୁ ଅନୁମୋଦନ କରିଛି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ଇରାନ ସହିତ ନିଃସର୍ତ୍ତ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ ଆଲୋଚନା କରିବ ନାହିଁ। ଆମେରିକୀୟ ଅଧିକାରୀମାନେ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଏକ ବଡ଼ ବୋମା ମାଡ଼ ଅଭିଯାନ ଖୁବ୍ ଶୀଘ୍ର ଆରମ୍ଭ ହୋଇପାରେ, ଯାହା ଏହି ସପ୍ତାହ ଧରି ଚାଲିଥିବା ସଂଘର୍ଷରେ ସବୁଠାରୁ ତୀବ୍ର।

ଜାତିସଂଘରେ ଇରାନର ରାଷ୍ଟ୍ରଦୂତ କହିଛନ୍ତି ଯେ ଇରାନ ନିଜ ଦେଶକୁ ରକ୍ଷା କରିବା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବ। ଏହି ସମୟରେ ପଶ୍ଚିମ ତେହେରାନରେ ଶକ୍ତିଶାଳୀ ବିସ୍ଫୋରଣ ଏବଂ ଧୂଆଁର କୁଣ୍ଡ ଦେଖିବାକୁ ମିଳିଛି। ଇସ୍ରାଏଲ କହିଛି ଯେ ଏହା ଇରାନ ଉପରେ ବଡ଼ ଧରଣର ଆକ୍ରମଣର ଏକ ନୂତନ ଲହରୀ ଆରମ୍ଭ କରିଛି। ଜେରୁଜେଲମରେ ମଧ୍ୟ ଜୋରଦାର ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଇରାନ ଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଯୋଗୁଁ ଇସ୍ରାଏଲର ଲୋକମାନେ ବୋମା ଆଶ୍ରୟସ୍ଥଳକୁ ଦୌଡୁଥିବା ଦେଖାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶା ଟପ୍ପର ସାତ୍ତ୍ୱିକ ସତ୍ୟକାମ



ଭୁବନେଶ୍ୱର,୭।୩(ନି.ପ୍ର.): ସର୍ବ ଭାରତୀୟ ସିଭିଲ ସର୍ଭିସ୍ ପରୀକ୍ଷା ରେ ଅଲ୍ ଇଣ୍ଡିଆ ର୍ୟାଙ୍କରେ ୧୦୦ତମ ସ୍ଥାନ ହାସଲ କରିଛନ୍ତି କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତାୟ ଆଜି ସେ ନିଜ ମାତାପିତା ସହ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ, ବିଶେଷକରି କେନ୍ଦୁଝର ଜିଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ।

ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ,ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ। ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ।

ସାତ୍ତ୍ୱିକ ସତ୍ୟକାମ ଦେବତା କେଉଁଝର ଜିଲ୍ଲାର ହାଟାଡିହି ବ୍ଲକର ମୂଳ ବାସିନ୍ଦା ଏବଂ ସେ ଭୁବନେଶ୍ୱରର ଓଡ଼ିଶା ପ୍ରଯୁକ୍ତିବିଦ୍ୟା ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (OUTR)ରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବି.ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ଜଣେ ଅବସରପ୍ରାପ୍ତ ବ୍ୟୁରୋକ୍ରାଟଙ୍କ ପୁଅ ଏବଂ ସେ ପୂର୍ବରୁ ନାବାର୍ଡରେ ସହାୟକ ପରିଚାଳକ ଭାବରେ କାର୍ଯ୍ୟ କରୁଥିଲେ। ସେ ତାଙ୍କର କଷ୍ଟ ପ୍ରୟାସରେ UPSC ଦ୍ୱାରା ପରିଚାଳିତ ସିଭିଲ ସର୍ଭିସେସ୍ ପରୀକ୍ଷା ପାସ୍ କରିଛନ୍ତି।

## ତେଲେଙ୍ଗାନାରେ ମାଓ ସଂଗଠନକୁ ଏକ ବଡ଼ ଝଟକା

# ୧୩୦ ଜଣ ମାଓବାଦୀ କଲେ ଆତ୍ମସମର୍ପଣ

ହାଇଦ୍ରାବାଦ,୭।୩: ତେଲେଙ୍ଗାନାରେ ମାଓ ସଂଗଠନକୁ ଏକ ବଡ଼ ଝଟକା ଲାଗିଛି। ୩୧ ମାର୍ଚ୍ଚ, ୨୦୨୬ ପୂର୍ବରୁ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ନିକଟରେ ବହୁ ସଂଖ୍ୟକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ବିଭିନ୍ନ ସ୍ତରର ମୋଟ ୧୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିରେ ତିନି ଜଣ ରାଜ୍ୟ କମିଟି ସଦସ୍ୟ, ଜଣେ ଆଞ୍ଚଳିକ କମିଟି ସଦସ୍ୟ, ୧୦ ଜଣ ଡିଭିଜନାଲ/ଡିଭିଇସିଏମ୍ ସ୍ତରୀୟ କ୍ୟାଡର, ୪୦ ଜଣ କ୍ଷେତ୍ର କମିଟି ସଦସ୍ୟ ଏବଂ ପ୍ରାୟ ୭୦ ଜଣ ଦଳୀୟ ସଦସ୍ୟ ଅନ୍ତର୍ଭୁକ୍ତ।

ଆତ୍ମସମର୍ପଣ କରିଥିବା ଲୋକଙ୍କ ମଧ୍ୟରେ ବସ୍ତର ମୂଳରୁ ବହୁ ସଂଖ୍ୟକ ମାଓବାଦୀ ଅଛନ୍ତି। PLGA ବାଟାଲିୟନରେ ୪୨ ଜଣ ସକ୍ରିୟ ଥିଲେ, ତେଲେଙ୍ଗାନା ରାଜ୍ୟ କମିଟିରେ ୩୦ ଜଣ, ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି ସହିତ ୩୨ ଜଣ, ଦ୍ୱିତୀୟ ଉଜଉ ରୁ ୧୬ ଜଣ ଏବଂ କେନ୍ଦ୍ରୀୟ କମିଟି ସଦସ୍ୟ ଦେବଜୀଙ୍କ ଦଳ ସହିତ ଜଡିତ ୧୦ ଜଣ ହିଂସା ପରିତ୍ୟାଗ କରିଛନ୍ତି।।

ଏହି ମାଓବାଦୀମାନଙ୍କ ଉପରେ ୪୧.୮ ନିୟୁତ ଟଙ୍କା (୪୧୮,୨୦,୦୦୦ ଟଙ୍କା) ପୁରସ୍କାର ଘୋଷଣା କରାଯାଇଛିୟ ଆତ୍ମସମର୍ପଣ ସମୟରେ, ମାଓବାଦୀମାନେ ସୁରକ୍ଷା ସଂସ୍ଥାଗୁଡ଼ିକୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ମଧ୍ୟ ହସ୍ତାନ୍ତର କରିଥିଲେୟ ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ INSAS LMG, ୨୧ଟି ଏକେ-୪୭, ୨୧ଟି INSAS ରାଇଫଲ୍, ୨୦ଟି SLR, ୧୮ଟି .୩୦୩ ରାଇଫଲ୍, ଗୋଟିଏ ୯ଏମ୍ଏମ୍ କାର୍ବାଇନ୍, ଦୁଇଟି ୯ଏମ୍ଏମ୍ ପିସ୍ତଲ, ଦୁଇଟି ୮ଏମ୍ଏମ୍ ବୋଲ୍ଟ-ଆକ୍ସନ୍ ରାଇଫଲ୍, ୧୮ଟି ଦେଶୀ ନିର୍ମିତ ବନ୍ଧୁକ ଏବଂ ଦୁଇଟି BGL ଅନ୍ତର୍ଭୁକ୍ତ।



ସୁରକ୍ଷା ବାହିନୀର ନିରନ୍ତର ଚାପ ଏବଂ ସରକାରଙ୍କ ପୁନର୍ବାସ ନୀତି ଯୋଗୁଁ, ମାଓ କର୍ମୀମାନେ ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଗଣ ଆତ୍ମସମର୍ପଣକୁ ମାଓ ସଂଗଠନ ପାଇଁ ଏକ ବଡ଼ ବିପର୍ଯ୍ୟୟ ଭାବରେ ବିବେଚନା କରୁଛନ୍ତି। ସରକାର କହିଛନ୍ତି ଯେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିବାକୁ ଚାହୁଁଥିବା ଆତଙ୍କବାଦୀମାନଙ୍କ ପାଇଁ ପୁନର୍ବାସ ଏବଂ ନୂତନ ଆରମ୍ଭର ସମସ୍ତ ରାସ୍ତା ଖୋଲା ଅଛି।

ପୋଲିସ ସୂତ୍ର ଅନୁଯାୟୀ, ବରିଷ୍ଠ ମାଓ ନେତା ଥିପିରି ତିରୁପତି ଓରଫ ଦେବଜୀଙ୍କ ନେତୃତ୍ୱରେ ସମଗ୍ର ପିଏଲଜିଏ କମିଟି ଅସ୍ତ୍ରଶସ୍ତ୍ର ରଖି ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛିୟ ନିଷିଦ୍ଧ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ଜଣେ ବରିଷ୍ଠ ନେତା ଦେବଜୀ, ଯାହାଙ୍କ ମୁଣ୍ଡ ଉପରେ ଏକ ବଡ଼ ପୁରସ୍କାର ଥିଲା, ସେ ପୂର୍ବରୁ ହାଇଦ୍ରାବାଦରେ ତେଲେଙ୍ଗାନା ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ କମାଣ୍ଡର ଏବଂ ଡିଭିଜନାଲ କମିଟି ସଦସ୍ୟଙ୍କ ସମେତ ପ୍ରାୟ ୧୩୦ ଜଣ ମାଓବାଦୀ କ୍ୟାଡର ତେଲେଙ୍ଗାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି, ଯାହା ସାମ୍ପ୍ରତିକ ବର୍ଷମଧ୍ୟରେ ସବୁଠାରୁ ବଡ଼ ଆତ୍ମସମର୍ପଣ ମଧ୍ୟରୁ ଗୋଟିଏ।

## ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ଟିଏମସିର ସମର୍ଥନ

ଲୋଲକାତା,୭।୩: ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଏବେ ସମର୍ଥନ କରିଛି ମମତା ବାନାର୍ଜୀଙ୍କ ଟିଏମସି। ଅନାସ୍ଥା ପ୍ରସ୍ତାବ ଉପରେ ବିରୋଧୀଙ୍କ ସହ ଯିବାକୁ ଟିଏମସି ପ୍ରସ୍ତୁତ ଥିବା ଜଣା ଯାଇଛି। ଏହା ପୂର୍ବରୁ ଅନାସ୍ଥା ପ୍ରସ୍ତାବରେ ବିରୋଧୀଙ୍କ ସମର୍ଥନ ଦେବ ନାହିଁ ବୋଲି ଟିଏମସି କହିଥିଲା। ହେଲେ ଏଥିରେ ମନ ବଦଳାଇଛି ଟିଏମସି।

## ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ମୁଦ୍ରାସ୍ଫୀତି ଉପରେ ଆଘାତ:

# ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୭।୩: ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ଶନିବାର ବୃଦ୍ଧି ପାଇଛି। ସାରା ଦେଶରେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ଆଜି ଠାରୁ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧୫ ଟଙ୍କା ବୃଦ୍ଧି କରାଯାଇଛିୟ ଏହା ସିଧାସଳଖ ହୋଟେଲ, ରେଷ୍ଟୁରା ଏବଂ ଛୋଟ ବାଣିଜ୍ୟିକ ପ୍ରତିଷ୍ଠାନ ଉପରେ ପ୍ରଭାବ ପକାଇବ।



ସୂତ୍ର ଅନୁସାରେ ଦିଲ୍ଲୀରେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କାରୁ ୯୧୩କୁ ବୃଦ୍ଧି ପାଇଛିୟ ମୁମ୍ବାଇରେ, ଘରୋଇ ସିଲିଣ୍ଡରର ନୂତନ ଦର ବର୍ତ୍ତମାନ ୯୧୨ ଟଙ୍କା ୫୦ ପଇସା ହୋଇଛି, ଯାହା ପୂର୍ବରୁ ୮୫୨ ଟଙ୍କା ୫୦ ପଇସା ଥିଲାୟ ଚେନ୍ନାଇରେ ଏହା "୮୬୮.୫୦ରୁ ୯୨୮.୫୦ ଟଙ୍କାକୁ ବୃଦ୍ଧି ପାଇଛିୟ ଏହି ସଂଶୋଧିତ ଦର ଆଜିଠାରୁ କାର୍ଯ୍ୟକାରୀ ହେଉଛି।ବ୍ୟବସାୟଗୁଡ଼ିକ ଦ୍ୱାରା ବ୍ୟବହୃତ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୭୬୮.୫୦ରୁ ୧୮୩୩କୁ ବୃଦ୍ଧି ପାଇଛି। ମୁମ୍ବାଇରେ, ଏହା ୧୭୨୦.୫୦ରୁ ୧୮୩୫ କୁ ବୃଦ୍ଧି ପାଇଛି। କୋଲକାତାରେ ମୂଲ୍ୟ ୧୮୭୫.୫୦ରୁ ୧୯୯୨୦କୁ ବୃଦ୍ଧି ପାଇଛି ଏବଂ ଚେନ୍ନାଇରେ ଏହା ୧୯୨୯ରୁ ୨୦୪୩.୫୦କୁ ବୃଦ୍ଧି ପାଇଛି। ପୂର୍ବରୁ, ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ଗତବର୍ଷ ଠାରୁ ଅପରିବର୍ତ୍ତିତ ଥିଲା। ଏହି ସଦ୍ୟତମ ସଂଶୋଧନ ଘରୋଇ ଗ୍ରାହକ ଏବଂ ବାଣିଜ୍ୟିକ ବ୍ୟବହାରକାରୀ ଉଭୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି।

# ରାମ ରହିମଙ୍କୁ ମିଳିଲା ଆଶ୍ୱସ୍ତି

ପଂଚକୁଲା: ବହୁଚର୍ଚ୍ଚିତ ଛତ୍ରପତି ହତ୍ୟା ମାମଲାରେ ଡେରା ମୁଖ୍ୟଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଶନିବାର ସକାଳେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟର ନିଷ୍ପତ୍ତିକୁ ଆଂଶିକ ଭାବରେ ପରିବର୍ତ୍ତନ କରି ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ++ ତଥାପି, ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ, ନିର୍ମଳ ଏବଂ କିଶନ ଲାଲଙ୍କ ଆଜୀବନ କାରାଦଣ୍ଡକୁ କୋର୍ଟ ବଜାୟ ରଖିଛନ୍ତି।

ସିବିଆଇ ସ୍ୱତନ୍ତ୍ର କୋର୍ଟର ନିଷ୍ପତ୍ତି ବିରୁଦ୍ଧରେ ଅଭିଯୁକ୍ତଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ରାୟ ଦେଇଛନ୍ତିୟ ମାମଲା ସହିତ ଜଡିତ ପ୍ରମାଣ ଏବଂ ଯୁକ୍ତିକୁ ପୁଙ୍ଖାନୁପୁଙ୍ଖ ଭାବରେ ବିଚାର କରିବା ପରେ କୋର୍ଟ ଡେରା ମୁଖ୍ୟଙ୍କୁ ସନ୍ଦେହର ଲାଭ ପ୍ରଦାନ କରିଛନ୍ତି ଏବଂ ତାଙ୍କ ବିରୁଦ୍ଧରେ ଅଭିଯୋଗ ଯଥେଷ୍ଟ ପ୍ରମାଣିତ ହୋଇ ନଥିବା ଆଧାରରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ସମୟରେ ଅନ୍ୟ ତିନି ଅଭିଯୁକ୍ତଙ୍କ ବିରୁଦ୍ଧରେ ଉପଲବ୍ଧ ପ୍ରମାଣକୁ ବିଚାର କରି ସେମାନଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡକୁ ବଜାୟ ରଖାଯାଇଛି।ଏହି ମାମଲା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ସହିତ ଜଡିତ, ଯାହା ତାଙ୍କ ସମୟରେ ଶିରୋନାମା ପାଲଟିଥିଲା। ଛତ୍ରପତି ତାଙ୍କ ଖବରକାଗଜରେ ଡେରା ବିରୁଦ୍ଧରେ କିଛି ଗମ୍ଭୀର ଅଭିଯୋଗ ପ୍ରକାଶ କରିଥିଲେ, ଯାହା ପରେ ତାଙ୍କୁ ୨୦୦୨ ମସିହାରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣା ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା ଏବଂ ମାମଲାକୁ ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ହସ୍ତାନ୍ତର କରାଯାଇଥିଲା।

# ଜଳସଂପଦ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ରେଡ୍

କେନ୍ଦ୍ରାପଡା,୭।୩(ନି.ପ୍ର.): ଭିଜିଲାନ୍ସ ଜାଲରେ କେନ୍ଦ୍ରାପଡା ଜଳସେଚନ ବିଭାଗ ଅଧୀନରେ ଡେରାବିଶ ଜଳସେଚନ ସବଡିଭିଜନାରୀ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ। ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସ୍ୱତନ୍ତ୍ର ବିଚାରପତି କଟକ ଭିଜିଲାନ୍ସ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେ ବଳରେ ଓଡିଶା ଭିଜିଲାନ୍ସ ଦ୍ୱାରା ଚଢଉ ଜାରି ରହିଛି।

ପୂର୍ବରୁ ପ୍ରମୋଦ ରାୟ କେନ୍ଦ୍ରାପଡା ଇନ୍ଦୁପୁର ସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତାଛକ ସ୍ଥିତ କାର୍ଯ୍ୟାଳୟ ରେ SDO ଭାବେ କାର୍ଯ୍ୟ କରୁଛନ୍ତି। ଡେରାବିଶ ଛତାଛକ ସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟରେ ଭିଜିଲାନ୍ସର ଏକ ୫ ଜଣିଆ ଟିମ୍ ଚଢାଉରେ ସାମିଲ ହୋଇଛନ୍ତି। ଚଢାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଅଫିସ କାଗଜପତ୍ର ଜବତ ହୋଇଛି। ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଅଫିସ ଓ ପୈତୃକ ଘର ସମେତ ଏକକାଳୀନ ୭ ଟି ସ୍ଥାନରେ ରେଡ୍ କରୁଛି ଭିଜିଲାନ୍ସ ଟିମୟ ଏହି ଚଢାଉରେ ଦୁଇ ଜଣ ଅତିରିକ୍ତ ଏସପି, ୯ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୪ ଜଣ ଏଏସଆଇ ପ୍ରମୁଖ ସାମିଲ ହୋଇଛନ୍ତି।

ଭୁବନେଶ୍ୱରର ବାଲିଅନ୍ତାର ଜୋହାଲାରେ ଅବସ୍ଥିତ ଶ୍ରୀ ରାୟଙ୍କ ଚାରି ମହଲା କୋଠା, କଟକର ଚୌଦ୍ୱାରର ଜାଜାଭୈରବରେ ଶ୍ରୀ ରାୟଙ୍କ ଦୁଇ ମହଲା କୋଠା, କଟକ ଜିଲ୍ଲା ବାଙ୍କିର ରଗଡ଼ିରେ ଅବସ୍ଥିତ ତାଙ୍କ ପୈତୃକ ଘର, ଭଦ୍ରକର ବୁଡଙ୍ଗାରେ ତାଙ୍କ ସମ୍ପର୍କୀୟଙ୍କ ଘର, ଡେରାବିଶ ଜଳସେଚନ କାର୍ଯ୍ୟାଳୟ, କେନ୍ଦ୍ରାପଡାରେ ଅବସ୍ଥିତ ତାଙ୍କ କାର୍ଯ୍ୟାଳୟ ଚାମ୍ବର ଏବଂ ଅସ୍ଥାୟୀ ବାସସ୍ଥାନ, ଢେଙ୍କାନାଳ ଜିଲ୍ଲା, ସାନସାଥୀବାଟିଆରେ ତାଙ୍କ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱରର ପଟିଆରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରେଡ୍ କରାଯାଉଛି।

ଅଧିକାରୀମାନେ କହିଛନ୍ତି ଯେ ଇଞ୍ଜିନିୟର ତାଙ୍କ ଚାକିରି ସମୟରେ ତାଙ୍କର ବୈଧ ଆୟ ଉତ୍ସଠାରୁ ଅଧିକ ସମ୍ପତ୍ତି ସଂଗ୍ରହ କରିଥିବା ଅଭିଯୋଗର ତଦନ୍ତର ଏକ ଅଂଶ ହେଉଛି ଏହି ତଲାସୀ। ଭିଜିଲାନ୍ସ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି ଯେ ଚଢ଼ଉ ଜାରି ରହିଛି, ଏବଂ ଜବତ ସମ୍ପତ୍ତି କିମ୍ବା ଆର୍ଥିକ ରେକର୍ଡ ସମ୍ପର୍କରେ ଅଧିକ ବିବରଣୀ ଅଭିଯାନ ଶେଷ ହେବା ପରେ ପ୍ରକାଶ କରାଯିବ।

# ଆଜି ସୁଭଦ୍ରା ଚତୁର୍ଥ କିସ୍ତି ଟଙ୍କା

ଭୁବନେଶ୍ୱର,୭।୩: ଆସନ୍ତାକାଲି ଆନ୍ତର୍ଜାତୀୟ ମହିଳା ଦିବସରେ ଚତୁର୍ଥ କିସ୍ତି ପାଇବେ ସୁଭଦ୍ରା ହିତାଧିକାରୀ। ଏ ନେଇ ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। କୋଟିଏ ୨ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା'। ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯିବ'।୨ ଲକ୍ଷ ୧୩ ହଜାର ନୂଆ। ହିତାଧିକାରୀ ଟଙ୍କା ପାଇବେ।

ପୁରୀର ତାଳବଣିଆ। ଠାରେ ଏକ ବିଶାଳ କାର୍ଯ୍ୟକ୍ରମ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ସମସ୍ତ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଏଥିସହ ସଫଳତା ପାଇଥିବା ସୁଭଦ୍ରା ହିତାଧିକାରୀଙ୍କୁ ମଞ୍ଚରେ ସମ୍ମାନ ଦିଆଯିବ। ଏହା ଦ୍ୱାରା ଅନ୍ୟ ମହିଳା ମାନଙ୍କୁ ପ୍ରେରଣା ମିଳିବ। ପୁରୀ ତାଳବଣିଆରେ କାର୍ଯ୍ୟକ୍ରମ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି।



ସୁଭଦ୍ରା ଯୋଜନା ୧୭ ସେପ୍ଟେମ୍ବର, ୨୦୨୪ ରେ ଆରମ୍ଭ ହୋଇଥିଲାୟ ଶକ୍ତି ଏବଂ ସୁରକ୍ଷାର ପ୍ରତୀକ ଦେବୀ ସୁଭଦ୍ରାଙ୍କ ନାମରୁ ଏହାର ନାମ ନିଆଯାଇଛି। ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କ ଆକାଉ ରେ ଏପର୍ଯ୍ୟନ୍ତ ତିନୋଟି କିସ୍ତି ଟଙ୍କା ପହଞ୍ଚିସାରିଛି। ତିନୋଟି କିସ୍ତିରେ ୧ କୋଟିରୁ ଅଧିକ ହିତାଧିକାରୀ ମୋଟ ୧୫,୦୦୦ ଟଙ୍କା ପାଇସାରିଛନ୍ତି। ସୁଭଦ୍ରା ଯୋଜନା ଅଧିନରେ ଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଂଚିବା ପାଇଁ ସରକାର ନିରନ୍ତର ପ୍ରୟାସ ଚଳାଇଛନ୍ତି।ଯେଉଁ ମହିଳାମାନେ ୩୧ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୧ ବର୍ଷ ବୟସରେ ପହଂଚିଛନ୍ତି, ସେମାନେ ଏହି ସରକାରୀ ଯୋଜନାରେ ଯୋଗଦାନ ପାଇଁ ଆବେଦନ ମଧ୍ୟ କରିପାରିବେ। ଯଦି ଆବେଦନକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଏ, ତେବେ ସେମାନେ ୮ ମାର୍ଚ୍ଚରେ ସୁଭଦ୍ରା କିସ୍ତି ପାଇପାରିବେୟ ସେହିପରି ବୟସ ୬୦ ଟପିଲେ ପେନ୍ସନ ଲିଷ୍ଟକୁ ଯିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଡାହୁକ



-ବିଧୂ

## ଦୁଇ ସାଙ୍ଗଙ୍କ ସଲିଳ ସମାଧି

ବାରିପଦା,୭।୩: ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଅଞ୍ଚଳରେ ଏକ ହୃଦୟବିଦାରକ ଘଟଣା ଘଟିଛି, ଯେଉଁଠାରେ ଗାଧୋଇବା ସମୟରେ ପୋଖରୀରେ ବୁଡ଼ି ଦୁଇ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସାତ ବର୍ଷୀୟ ଶୁଭସନ୍ଧ୍ୟା ନାୟକ ଏବଂ ଆଠ ବର୍ଷୀୟ ରାଜଲକ୍ଷ୍ମୀ ସାଙ୍ଖୁଆଳ ନାମକ ଦୁଇ ନାବାଳିକା ସାଙ୍ଗ ଦଣ୍ଡଘାଟ ଦେହୁରୀ ସାହି ସ୍କୁଲର ସହପାଠୀ ଥିଲେ। ଶୁକ୍ରବାର ଦିନ, ସ୍କୁଲରୁ ଫେରିବା ପରେ, ଦୁଇ ବନ୍ଧୁ ବାରଖଲାଡିର ନଛିପୁର ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପରିବାର ସଦସ୍ୟମାନେ ସେମାନଙ୍କୁ ଗାଧୋଇବା ପାଇଁ ହ୍ୟାଣ୍ଡପମ୍ପ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ, କିନ୍ତୁ ଝିଅମାନେ ଏହା ବଦଳରେ ପୋଖରୀକୁ ବାଛିଲେ।

# ପୁଣି ଅଶାନ୍ତ ହେଲା ଜଟଣୀ

## ଜାତିଆଣ ଆକ୍ଷେପରୁ କଥା କଟାକଟିରେ ଉତକ୍ଷିପ୍ତ ହୋଇ ବୋମା ଫିଙ୍ଗିଲେ ଯୁବକ

ଖୋର୍ଦ୍ଧା,୭।୩(ନି.ପ୍ର.): ପୁଣି ଅଶାନ୍ତ ହୋଇଛି ଜଟଣୀ। କିଛି ମାସର ବ୍ୟବଧାନରେ ପରେ ଜଟଣୀରେ ପୁଣି ଫୁଟିଛି ବୋମା। ଖୋର୍ଦ୍ଧା ଜିଲ୍ଲା ଜଟଣୀ ଉପକଣ୍ଠ ପଦନପୁର ଛକରେ ଦୁଇଟି ବୋମା ଫୁଟିଛି। ଜାତିଆଣ ଆକ୍ଷେପରୁ କଥା କଟାକଟି ପରେ ଉତକ୍ଷିପ୍ତ ହୋଇ ଯୁବକ ଫିଙ୍ଗିଲେ ଦୁଇଟି ବୋମା। ଏଥିରେ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ଅଛନ୍ତି। ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି।ଖବର ଅନୁଯାୟୀ, ପଦନପୁର ଛକରେ ଜାତିଆଣ ଆକ୍ଷେପକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କଥା କଟା କଟି ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇଇ ଯୁବକ ଜଣଙ୍କ ଅପରଗୋଷ୍ଠୀକୁ ଦୁଇଟି ବୋମା ଫିଙ୍ଗିଛନ୍ତି। ଯେଉଁଥିରେ ଘଟଣାସ୍ଥଳରେ ଥିବା ଦୁଇ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଜିଲ୍ଲା ଚିକିତ୍ସାଳୟରେ ର୍ଭ କରାଯାଇଥିଲା। ହେଲେ ଅବସ୍ଥା ଗୁରୁତର ଥିବାରୁ ଦୁଇ ଆହତଙ୍କୁ ଭୁବନେଶ୍ୱର ସ୍ଥିତ ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛିୟ ସେପଟେ ବୋମା ବିସ୍ଫୋରଣରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପିପିଲି-ଖୋର୍ଦ୍ଧା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେୟ ପ୍ରାୟ ୨ ଘା ଧରି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ।



ତେବେ ଘଟଣା ସଂପର୍କରେ ଖବର ପାଇ ଜଟଣୀ ଥାନା ପୋଲିସ ଘଟଣାସ୍ଥଳର ପହଂଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ହଟିଥିଲା ରାସ୍ତାରୋକ। ଏବେ ଗାଡ଼ି ଚଳାଚଳ ସ୍ୱାଭାବିକ ହେଉଛି। ପୋଲିସ ଘଟଣାସ୍ଥଳରେ ଯାଂଚ କରୁଛି। ବୋମା ମାଡ଼ କରିଥିବା ଯୁବକର ନାଁ ଚନ୍ଦ୍ରକାନ୍ତ ହରିଚନ୍ଦନ ବୋଲି ଜଣାପଡ଼ିଛି। ଆହତ ହୋଇଥିବା ପିଲାମାନେ ହେଲେ ସ୍ମୃତି ରଞ୍ଜନ ନାୟକ, କୃଷ୍ଣ ନାୟକ ଓ ଆଶିଷ ନାୟକ।

ରବିବାର ୦୮ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର
SUNDAY, 08 MARCH, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ମୋବାଇଲ ବିପଦ

ନିକଟରେ ଉତରପ୍ରଦେଶର ଗାଜିଆବାଦରେ ଏକ ବହୁତଳ ପ୍ରସାଦର ନବମ ମହଲାରୁ ଡେଇଁ ତିନି ଭଉଣୀ, ଯେଉଁମାନଙ୍କର ବୟସ ଯଥାକ୍ରମେ ୧୨, ୧୪ ଓ ୧୬ ବର୍ଷ, ଆତ୍ମହତ୍ୟା କରିବା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି । ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ, ସ୍ମାର୍ଟ ଫୋନରେ 'କୋରିଆନ ଲଭ ଗେମ' ପ୍ରତି ସେମାନଙ୍କର ମାତ୍ରାଧିକ ଆସକ୍ତି ଜୀବନ ହାରିବାର କାରଣ ହୋଇଛି । ତଦନ୍ତରୁ ଆହୁରି ଜଣାପଡିଛି ଯେ, ଅଦ୍ୟ କୈଶୋରରୁ ଆଦ୍ୟ ଯୌବନ ମଧ୍ୟରେ ଥିବା ତିନି ଭଉଣୀଙ୍କର କୋରିଆନ ଲଭ ଗେମ୍ ପ୍ରତି ନିଶା ଏତେ ପ୍ରବଳ ଥିଲା ଯେ, ସେମାନେ ନିୟମିତ ରାତ୍ରି ଅନିଦ୍ରା ହେବା ଫଳରେ ସ୍କୁଲ ନଯାଇ ଦିନରେ ନିଦ୍ରାଚ୍ଛନ୍ନ ରହୁଥିଲେ । ଏଥିରେ କ୍ରୋଧିତ ହୋଇ ସେମାନଙ୍କର ପିତା ସେମାନଙ୍କ ଠାରୁ ମୋବାଇଲ ଫୋନକୁ ଛଡାଇ ନେଇଥିଲେ । ଏଥିରେ ନିସଙ୍ଗ ହୋଇ ସେମାନେ ଶୋଇପାରିନଥିଲେ । 'କୋରିଆନ ଲଭ ଗେମ୍' ବିନା ସେମାନେ ବଂଚି ରହିପାରିବେ ନାହିଁ ଏବଂ ଶେଷରେ ଜୀବନ ହାରିବା ଭଳି ଚରମ ନିଷ୍ପତି ନେବାକୁ ବାଧ୍ୟ ହେଲେ ବୋଲି ସେମାନେ ଲେଖିଥିବା ଡାଏରୀରୁ ଜଣାଯାଇଛି । ଡିଜିଟାଲ ନିଶା ବା ଆସକ୍ତି ଜୀବନ ନେବା ଏଇ ଗୋଟିଏ ଘଟଣା ଆମ ଦେଶରେ ନୁହେଁ । ଅତୀତରେ ଏପରି ବହୁ ଦୁଃଖଦ ଘଟଣା ଘଟିଛି । ବହୁ ଚର୍ଚ୍ଚିତ ବ୍ଲୁ ହେଲ ଗେମ ଅତୀତରେ ବିଶ୍ୱବ୍ୟାପୀ ଏକ ମରଣ ଯନ୍ତାରେ ପରିଣତ ହୋଇଥିଲା, ଯେଉଁଥିରେ ଶହ ଶହ କିଶୋର, କିଶୋରୀ, ଛାତ୍ରଛାତ୍ରୀ ବାଧ୍ୟବାଧକତା ହୋଇ ଆତ୍ମହତ୍ୟା କରିଥିଲେ । ସେହିପରି ଜର୍ଣ୍ଣାଲ ଅଫ ଆମେରିକା ମେଡିକାଲ ଆସୋସିଏସନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଲ ମାୟାରେ ବାୟା ହୋଇ ବିଶ୍ୱବ୍ୟାପୀ ୪ହଜାରରୁ ଉର୍ଦ୍ଧ୍ୱ ଜୀବନ ହାରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଆଦ୍ୟ କୈଶୋରରେ ପ୍ରବେଶ କରି କୋମଳମତି ନାବାଳକ, ନାବାଳିକାଙ୍କ ସହ ଆଦ୍ୟ ଯୌବନରେ ପ୍ରବେଶ କରିଥିବା ବହୁ ଯୁବକ-ଯୁବତୀ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁମାନଙ୍କର ସଂଖ୍ୟା ଚାରି ହଜାରରୁ ଉର୍ଦ୍ଧ୍ୱ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ ଆହୁରି ପ୍ରକାଶ ପାଇଛି ଯେ, ଏହି ବୟସ ବର୍ଗରେ ୧୯,୦୦୦ ଜଣକ ମଧ୍ୟରୁ ୨୨ପ୍ରତିଶତ ପ୍ରତ୍ୟହ ଛଅଘଂଟାରୁ ଅଧିକ, ୨୭ପ୍ରତିଶତ ତିନି ଘଂଟାରୁ ୬ଘଂଟା, ୨୨ ପ୍ରତିଶତ ଘଂଟାଏରୁ ୩ଘଂଟା ସ୍ମାର୍ଟଫୋନ ନିଶାରେ କବଳିତ ଥିବାବେଳେ ୧୨ପ୍ରତିଶତ ଏଥିରୁ ନିବୃତ ବା ଅସମ୍ପୃକ୍ତ ରହିଛନ୍ତି । କେବଳ ଏତିକି ନୁହେଁ, ସ୍ମାର୍ଟଫୋନ ଦେଖୁଥିବା ପିଲାମାନଙ୍କ ମଧ୍ୟରୁ ୭୦ପ୍ରତିଶତ ସ୍ୱୀକାର କରିଛନ୍ତ ଏହାର ମୋହରେ ସେମାନେ ସମ୍ପୂର୍ଣ୍ଣ ବାୟା ବା କବଳିତ । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏବେ ୧ଶହ କୋଟିରୁ ଅଧିକ ଡିଜିଟାଲ ବା ସ୍ମାର୍ଟଫୋନ ବ୍ୟବହାରକାରୀ ଅଛନ୍ତି । ସରକାର ମଧ୍ୟ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛନ୍ତି । ଏହା ନିସନ୍ଦେହ ଯେ, ଭାରତ ବିଶ୍ୱର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବଜାର ଭାବେ ଉଭା ହୋଇଛି । ଦେଶର ପ୍ରାୟ ୪୦ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର । କେବଳ ଏତିକି ନୁହେଁ, ପିଲାଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏବେ ସ୍ମାର୍ଟ ଫୋନ ସମୟ ବିତାଇବାରେ ଉପକରଣ ପାଲଟିଥିବା କୁହାଯାଇପାରେ, ଇଂଟରନେଟ ସହାୟତାରେ ବିଭିନ୍ନ ପିଲା ଜ୍ଞାନ ଆହରଣ ମାଧ୍ୟମ ପାଲଟିଥିବା ଅସ୍ୱୀକାର କରାଯାଇନପାରେ କିନ୍ତୁ ଜ୍ଞାନ ପରିବର୍ତେ ଖରାପ ଗ୍ରହଣ କରିବା ପିଲାଙ୍କ ମନୋଭାବ ପାଲଟିଛି । ଯାହାକି ଶେଷରେ ଜୀବନ ନେଉଛି । ଏହାର ମାତ୍ରାଧିକ ବ୍ୟବହାର ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ନିଦ୍ରାହୀନତା, ଶୈକ୍ଷିକ ପ୍ରଦର୍ଶନଳ ଜ୍ଞାନ ଆହରଣ, କାର୍ଯ୍ୟ କରିବାର ଦକ୍ଷତାକୁ ମଧ୍ୟ ପ୍ରଭାବିତ କରୁଥିବା ଏକ ବିଶ୍ଲେଷଣାତ୍ମକ ରିପୋର୍ଟରୁ କୁହାଯାଇଛି । ଏହା ନିସନ୍ଦେହ ଯେ, ପ୍ରତି ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥାଏ । ସ୍ମାର୍ଟଫୋନରେ ବ୍ୟବହାର ଏବେ ଯେତିକି ଅପରିହାର୍ଯ୍ୟ ହୋଇପଡିଛି, ସେତିକି ମାତ୍ରାରେ ପିଲାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ବିପଦର କାରଣ ହୋଇଛି ।

# ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା । ସମ୍ପୂର୍ଣ୍ଣ ବାରଣ କରି ଗୁରୁମାନେ ଶିଷ୍ୟଙ୍କୁ ଉଦ୍ଧାର ପାଇଁ ନିଜକୁ ବହୁ ସଂସାର ଅଳୀକ ବସ୍ତୁରେ ଜଡ଼ିତ ନ ହେବାପାଇଁ ତାଙ୍କ ଜୀବନର ସିଦ୍ଧ ଆଶୁ ଫଳପ୍ରଦ ବିଦ୍ୟା ଅନେକ ତଥ୍ୟ । ପୂର୍ଣ୍ଣ ତତ୍ତ୍ୱ ଶିକ୍ଷା କହିଥାନ୍ତି କାଳେ ଶିଷ୍ୟ ଗୁରୁଙ୍କ ଅପ୍ରକଟ ପରେ ଭୁଲିଯିବ ସେ ତତ୍ତ୍ୱ ଗୁଡ଼ିକୁ ଭିନ୍ନ ନଜିର ମଧ୍ୟରେ ରଙ୍ଗଦେଇ ଲେଖି ରଖିବାକୁ କହିଥାନ୍ତି । ଆବାହମାନ କାଳରୁ କଥିତ ଓ ଲିଖିତ ଭାଷା ସମ୍ବନ୍ଧର ସଂସ୍କାର, ସଂଶୋଧନ, ଶୋଧ ହୋଇ ଚାଲୁଛି । ଆଜି ଯେପରି ଡଟ କଲମ କାଗଜରେ ସ୍ୱଳ୍ପ ସମୟରେ ଏକଲେଖା ଲେଖି ଦିଆଯାଉଛି ସେପରି ଲେଖା ପୂର୍ବେ ସ୍ୱପ୍ନ ଥିଲା । ଏକ ପାଣ୍ଡୁଲିପି ଛପାଖାନାରେ ଅଳ୍ପ ସମୟରେ ଯେପରି ଛପା ଯାଉଛି ଏହାମଧ୍ୟ ସାତସ୍ୱପ୍ନ ଥିଲା ଲେଖକ ତାଳପତ୍ରକୁ ପାଗ କରି ସାଇଜରେ କାଟି ଠିକ ପତ୍ରରେ ମଧ୍ୟ କଣା କରି ପତ୍ରକୁ ପତ୍ରସୂତା ଡୋରିରେ ଗୁନ୍ଥି ଦୁଇ କାଠପଟା ମଧ୍ୟରେ ସାଇଜ କରି ରଖିଲା ପରେ ପୋଥି ଲେଖା ଆରମ୍ଭ କରୁଥିଲେ । ଏଥିପାଇଁ ଆରମ୍ଭକୁ ଶୁଭ ସମୟଲଗ୍ନ ଧରି କରାଯାଉଥିଲା । ଏ ସମୟର ନୋଟ ଖାତା ତୁଲ୍ୟ ସେ ପୋଥିରେ ଗୁରୁମୁଖ ବାଣୀ ଲିପିବଦ୍ଧ କରାଯାଉଥିଲା ବା କେହି ତାଙ୍କର ସାଧନା ଲବ୍ଧଜ୍ଞାନ ଲେଖୁଥିଲେ । ବିନା ଆଶ୍ରୟରେ, ଛାୟାରେ କୌଣସି ଲେଖା କେହି ଲେଖିବା ସମ୍ଭବ ନୁହେଁ ।

ସେତେବେଳେ କୌଣସି ଭାଷାର ଲିପି ବର୍ତ୍ତମାନ ଲିପି ପରି ଏପରି ସଂସ୍କାରିତ ନଥିଲା । ଆମ ଓଡ଼ିଆ ଭାଷାରେ ବହୁକାଳ ପୂର୍ବରୁ କରଣୀ ଭାଷାରେ ଲେଖା ଯାଉଥିଲା ଯାହାକୁ ଏ ସମୟର ପାଠକମାନେ ପଢ଼ିବା ମୁସ୍କିଲ । ଗ୍ରାମ୍ୟ ଅବଧାନମାନେ ଚାହାଳୀ କରି ବା କାହାରି ପିଲାଙ୍କୁ ପାଢ଼ାଲେଖା ଶିକ୍ଷା ଦେଉଥିଲେ, କୁହାଯାଉଥିଲା 'ହରଗୁଣଫେଡ଼ମିଶା ଆଉସବୁ ଫସର ଫସା' ପୁଣି ପ୍ରାଚୀନ କାବ୍ୟରୁ କିଛି ଘୋଷାଇ ଓଡ଼ିଆ ଜଗନ୍ନାଥ ଦାଶଙ୍କ ଭାଗବତ ବୋଲାଇ କିଛି ଲେଖାଇ ଭାଷା ସାହିତ୍ୟ ଶେଷ କରାଉଥିଲେ । ଅଙ୍କରେ ନଳଭଙ୍ଗା, ପାହିଅଣା, କଡ଼ାଗଣ୍ଡା ଶୋଧୀ, ଓଡ଼ାଙ୍କ ଫେଡ଼ାଙ୍କ ଆଦି ଶିକ୍ଷା ଦେବାସହ ମୁହେଁ ମୁହେଁ ହିସାବ କହିବାକୁ ପଡୁଥିଲା ପ୍ରଖର ସ୍ମରଣ ଶକ୍ତିର ସାଧନାରେ ବ୍ରତୀ କରାଯାଉଥିଲା । ଏହିଯୁଗର ବହୁ ପୂର୍ବରୁ ଶିକ୍ଷାକୁ ଏତେ ବ୍ୟାପକ କରାଯାଇ ନଥିଲା । କାଁ ଭାଁ କେଉଁ ଗ୍ରାମରେ ଜଣେ ଦୁଇଜଣ ସମ୍ଭ୍ରାନ୍ତଙ୍କ ଘରେ ଲେଖିପଢ଼ି ଶିଖିଥିଲେ । କେବଳ ଅବଧାନମାନେ ବଂଶାନୁକ୍ରମେ ତାଳପତ୍ର ଜନ୍ମ ଜାତକ ପ୍ରସ୍ତୁତ ବିବାହ ଲଗ୍ନ ପତ୍ର ଲେଖା ପାଇଁ ଅଧ୍ୟୟନ କରୁଥିଲେ । ଖଡ଼ିରତ୍ନ ପରମ୍ପରାରେ ଗ୍ରହଗଣତି କରି ଯୁଗାଦି, ସୃଷ୍ଟ୍ୟାଦି ବା ଏକ ଧାର୍ଯ୍ୟ ବର୍ଷରୁ ଆଗକୁ ଦିନ ଗଣନାରେ ଗ୍ରହ ସ୍ଥିତି ଏକ ସ୍ଥିର ନିୟମରେ କରି ତିଥି ବାର ନକ୍ଷତ୍ର ଯୋଗ କରଣ ଏମିତି ପାଞ୍ଚ ଅଙ୍ଗରେ ପଞ୍ଜାଙ୍ଗ ପ୍ରସ୍ତୁତ କରି ଧର୍ମପ୍ରାଣ ଜନତାଙ୍କ ବିହିତ ପାଳନ ପାଇଁ ତାଳପତ୍ର ପୋଥି ପଞ୍ଜିକା କରୁଥିଲେ । ଚୌପଦୀ, ଅଷ୍ଟପଦୀ ବା ଅଷ୍ଟକ ପରି, ଚଉତିଶା ରଚନାମାନ ପୂର୍ବକାଳ ପଦ୍ୟ ସାହିତ୍ୟଲେଖାକୁ, କାବ୍ୟ ରାଗରେ ଶ୍ଳୋକ ଛନ୍ଦରେ ଲେଖା ଯାଉଥିଲା ପ୍ରବଳ ଶବ୍ଦ ଭାଷା ଜ୍ଞାନ ନହେଲେ ପୁଣି ନିର୍ଭୁଲ ସ୍ମରଣ ନ ହେଲେ ତାଳ ପତ୍ରଟି ଭାବ ବ୍ୟଞ୍ଜକ ନହୋଇ ଲେଖା ଉଦ୍ଦେଶ୍ୟ ପଣ୍ଡ କରିପାରେ ଏ ପାଇଁ ସ୍ଥିର ମତିରେ ପୋଥି ଲେଖାଯାଏ । ପଦ୍ୟରେ ଯତିପାତକୁ ଦୁଇପଦ ସମାନ ଅକ୍ଷର ବିଶିଷ୍ଟ ଧରାଯାଏ, ହେଲେ ଦାଣ୍ଡି ପଦ୍ଧତିରେ ଏକ ପଦରେ ଦୁଇପଦରେ ଅକ୍ଷର ସମାନ ନଥାଏ ।

ଏମିତି ମାଲମାଲ ଲୋକ ସାବଧାନୀ ଶିକ୍ଷା ହେଉଛି ମାଳିକା । ବ୍ୟାସଦେବ ଗଣେ ଶିଷ୍ୟ ବସାଇ ନିଜେ ଗଣପତି ଗୁରୁହୋଇ ପୁରାଣ ସ୍ୱ ବୟାନକୁ ଲିପିବଦ୍ଧ ପ୍ରଥମେ ତାଳପତ୍ରରେ କରାଇଥିଲେ । ଯାହା ଏ ସମୟରେ ବହି ବାଣିଜ୍ୟରେ ଆସିଯାଇଛି । ସେମିତିକା ଭବିଷ୍ୟତ ସାବଧାନୀ ସତର୍କ ଶାସ୍ତ୍ର ମାଳିକା ଯାହା ବିଭିନ୍ନ ସ୍ଥାନ ବିଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସମୟ ପାଇଁ ଉଦ୍ଦିଷ୍ଟ ତାକୁ ପ୍ରକାଶ ସାର୍ବଜନୀନ ମନାକୁ ସମୟାତୀତକୁ ଅନେକ ପିଢ଼ି ପରେ ଗୁରୁ ବାରଣ କଣ ଥିଲା କାହିଁକି ଥିଲା ନଜାଣି ହଇଚଇ ପାଇଁ ଛପାବହି ଯୋଗ ଆୱାଜରେ ଟିଭି ମୋବାଇଲରେ ବୟାନ ଦେଉଛନ୍ତି । କାହିଁକି କୁହାଯାଇଛି 'ଗହଣା ନୋହିଲେ ଘୋଡ଼ାଇ ଚାଲ' ସମସ୍ତେ ବସ୍ତ୍ର ପିନ୍ଧୁଛନ୍ତି କାହିଁକି ? ସମସ୍ତେ ଉଲଗ୍ନ ହେଲେ ଲଜ୍ୟା କାହାକୁ ଲାଗନ୍ତା । ସ୍ଥାନ ମାନଙ୍କର ନାମ ରାଜ୍ୟର ନାମ କେମିତି ତତ୍କାଳୀନ ଜଣାଥିଲା, ମାଳିକା କଣ କେବଳ ପୁରୀ କଟକ ପାଇଁ ଲେଖା ଯାଇଛି, ଜଳପ୍ରଳୟ କଣ କେବଳ ଆମରି ହୀରାକୁଦ ବନ୍ଧ ସହ ଜଡ଼ିତ । ହିମାଳୟ ବରଫ ତରଳୁଛି ମେରୁରେ ବରଫ ତରଳୁଛି ଏ ପାଇଁ କଣ ଜଳ ପ୍ଲାବନ ହେବନାହିଁ ? ସୁନାମୀ ବିଭିନ୍ନ ସ୍ଥାନରେ ହେଉଛି ଏହା କଣ ପ୍ରଳୟ ନୁହେଁ ? ଯୁଦ୍ଧର ଧରା ବଦଳିଛି କେତେଲୋକ ବିନା କାରଣରୁ ମାରୁଛନ୍ତି ମରୁଛନ୍ତି ଏହା କଣ ମାରୀ ଭୟ ନୁହେଁ ? ତେଣୁ କାଳ ପତ୍ର ବିଚାରରେ ଶାସ୍ତ୍ର ବୟାନ କଲେ ଦୋଷ ଲାଗନ୍ତା ନାହିଁ, କଣ କଲେ ଲୋକ ଅକାଳମୃତ୍ୟୁ ଭୟରେ ପଡ଼ିବେ ନାହିଁ ଯେତେବେଳେ ଶ୍ରୀଚୈତନ୍ୟ ଦେବ ପ୍ରଚାର ଆରମ୍ଭ କରିଥିଲେ ଠିକ ସେତିକି ବେଳେ ମାଳିକା ସ୍ରଷ୍ଟାଙ୍କ ଭବିଷ୍ୟତ ବାଣୀ ତାଙ୍କ ସମ୍ପ୍ରଦାୟ ଶିଷ୍ୟ ଗଣଙ୍କୁ ଦିଆଯାଇ ସତର୍କ କରାଯାଇଥିଲା । ଏ ସମୟରେ କାହାରି ବେକରେ ମାଳି କଣ୍ଠି ନାହିଁ କେହି କାଛିଆ କୌପିନ ପିନ୍ଧୁନାହାନ୍ତି । କାହାରି ମୁଣ୍ଡରେ ଛୁଟି ଜଟ ନାହିଁ, ଭୋଜନରେ ବାଗବାଇଶ ନାହିଁ ଅନେକ ପ୍ୟାଣ୍ଟ ପିନ୍ଧି ଠିଆ ହୋଇ ପରିସ୍ରା କରୁଛନ୍ତି ଏପରିକି ସୁଟ ପିନ୍ଧି ମୃଦଙ୍ଗ ବଜାଉଛନ୍ତି, କଣ ଶୁଦ୍ଧ କଣ ଅଶୁଦ୍ଧ ଜ୍ଞାନ ଉଭାନ ପୁରୋହିତ ଗିରି ନେତାଏ କଲେଣି, କାହିଁ ଚୈତନ୍ୟ ପଥ, କାହାନ୍ତି ଅଚ୍ୟୁତ, ହାଡ଼ିଦାସଙ୍କ ସତର୍କ ବାଣୀର ପାଳନ କାରି, କାହାନ୍ତି ? ପୁଣି କାହାନ୍ତି ସେହି ପଥର ପ୍ରତିକାର କରି ପ୍ରଶାସକ ଜନତା ଜନାର୍ଦ୍ଦନ ? ମନ୍ଦିର ଜୀର୍ଣ୍ଣଉଦ୍ଧାର ଠାରୁ ଦୈବୀ ଉତ୍ପାତରୁ ରାଜ୍ୟ ଭୂମି ରକ୍ଷା ଆଗ, କିଏ ବିଚାର କରିବ ?

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବିକଶିତ ଭାରତର ଗେଟୱେ ହେବ ଓଡ଼ିଶା

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଦାୟିତ୍ୱ ଗ୍ରହଣ କଲାପରେ ଅଭିବୃଦ୍ଧିର ବେଗ ଆହୁରି ଗତିଶୀଳ ହେଉଛି । ତ୍ୱରାନ୍ୱିତ ହେଉଛି ରାଜ୍ୟର ବିଭିନ୍ନ ଯୋଜନା । ପ୍ରଧାନମନ୍ତ୍ରୀ ମୋଦିଜୀ ଓଡ଼ିଶାକୁ ପୂର୍ବ ଭାରତର ବିକାଶର ମୁଖଶାଳା ଭାବେ ଗ୍ରହଣ କରିଥିବାରୁ ରାଜ୍ୟକୁ ପର୍ଯ୍ୟାପ୍ତ ପୁଞ୍ଜି ଓ କେନ୍ଦ୍ରୀୟ ସହଯୋଗ ଆସୁଛି । ତେବେ ଏହା ଭିତରେ ଆଉ ଗୋଟିଏ ଖୁସିର କଥା ଏହା ଯେ, ୨୦୩୬ ବେଳକୁ୫୦୦ ବିଲିୟନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହାସଲ ଦିଗରେ ରାଜ୍ୟ ଅଗ୍ରସର । ଏକ୍ଷେତ୍ରରେ ୩ ପ୍ରମୁଖ ସ୍ତମ୍ଭ ହେଉଛି ସମାବେଶୀ ବିକାଶ, ସୁସ୍ଥତା ଏବଂ ସମୃଦ୍ଧି । କହିବାକୁଗଲେ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ଗେଟୱେ ହେବ ।

୧୧୨ ବିଲିୟନ ଡଲାର ଅର୍ଥନୀତି ଏବଂ ୮% ଅଭିବୃଦ୍ଧି ସହ ଦ୍ରୁତ ଅଭିବୃଦ୍ଧିଶୀଳ ରାଜ୍ୟ ପାଲଟିଛି ଓଡ଼ିଶା । ଖଣି ଓ ଧାତବ କ୍ଷେତ୍ର ନେତୃତ୍ୱ ସହ ଇଜ ଅଫ ଡୁଇଁ ବିଜନେସରେ ରାଜ୍ୟ ଟପ ଆଚିଭର । ରାଜ୍ୟରେ ୬୯.୪% ଯୁବ ବର୍ଗ ଶ୍ରମଶକ୍ତି । ସୁଦୀର୍ଘ ବେଳାଭୂମି ସହ ରାଜ୍ୟ ଏସିଆର ପ୍ରବେଶ ପଥ । ରାଜ୍ୟ ଭାଲ୍ୟୁ ମାନୁଫାକଚରିଂକୁ ଗୁରୁତ୍ୱ ଦେଉଛି । ସ୍କିଲ ଇନ ଓଡ଼ିଶା ସ୍କିଲ ଫର ୱାର୍ଲଡ଼କୁ ମିଳିଛି ପ୍ରାଥମିକତା । ଏ କ୍ଷେତ୍ରରେ ଜିଏଫଟିଏନ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ରାଜ୍ୟ ଖଣି ଅର୍ଥନୀତି ସହ ମାଇଣ୍ଡ ଇକୋନୋମି ମଧ୍ୟ ଗୁରୁତ୍ୱ ଦେଉଛି । ବ୍ଲାକ ସ୍ୱାନ ସମ୍ମିଟ ରାଜ୍ୟ ପାଇଁ ସଯୋଗ ଆଣିବ ବୋଲି ଶ୍ରୀମତୀ ଗର୍ଗ ଉଲ୍ଲେଖ କରିଛନ୍ତି । ଏହି କାର୍ଯ୍ୟକ୍ରମ ଏଆଇ ଯୁଗରେ ଫିନଟେକ, ଇନସ୍ୟୁରେଟେକ କ୍ଷେତ୍ର ଲାଗି ଦକ୍ଷ ଶ୍ରମଶକ୍ତି ସୃଷ୍ଟି, ଓଡ଼ିଶାକୁ ଫିନଟେକ ଲିହର ଏବଂ ନିବେଶ ଆକୃଷ୍ଟ ଲକ୍ଷ୍ୟ ରଖିଛି । ଏ ଦିଗରେ ଆରମ୍ଭ ହୋଇଛି ପାଞ୍ଚ ମାସିଆ ଫିନଟେକ ଏବଂ ଇନସ୍ୟୁରଟେକ ହାଇବ୍ରିଡ଼ ତାଲିମ କାର୍ଯ୍ୟକ୍ରମ । ଏହାର ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀ ଇତିମଧ୍ୟରେ ଗ୍ରାଜୁଏଟ ଯୋଗ୍ୟତା ପାଇପାରିଛନ୍ତି । ନ୍ୟାସନାଲ ୟୁନିଭର୍ସିଟି ଅଫ ସିଙ୍ଗାପୁର, ଏସିଆନ ଇନଷ୍ଟିଚ୍ୟୁଟ ଅଫ ଡିଜିଟାଲ ଫାଇନାନ୍ସ ଏହାର ରୂପରେଖ ପ୍ରସ୍ତୁତ କରିଛନ୍ତି । ଏହି ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି କ୍ଷେତ୍ରରେ ୧୫ କମ୍ପାନୀଙ୍କ ସହ ଏମଓୟୁ ହେବା ଆଶା ରଖାଯାଇଛି । ଫିନଟେକ ଏବଂ ଇନସ୍ୟୁରାନ୍ସ ଟେକ ଭବିଷ୍ୟତ ନିଯୁକ୍ତି କ୍ଷେତ୍ର ପାଲଟିଛି । ଓଡ଼ିଶାର ୭ ହଜାର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ତାଲିମ ଅଧିକ ଷ୍ଟାର୍ଟଅପ ସହ ନୂଆ ସୁଯୋଗ ଆଣିବ । ନବସୃଜନକୁ ପ୍ରୋତ୍ସାହନ ଏବଂ ନୀତିଗତ ସମ୍ଭାବନା ଦିଗରେ ଏହି ସମ୍ମିଳନୀ ସହାୟକ ହେବ । ଦକ୍ଷତା ବିକାଶ, ନବସୃଜନ, ବିଶ୍ୱ ଚିନ୍ତାଧାରା ଏବଂ ବିଶ୍ୱ ବଜାର ସହ ଯୋଡ଼ି ହୋଇପାରିବ ।

ଓଡ଼ିଶା ଦକ୍ଷତା ବିକାଶ ଏବଂ ଶିଳ୍ପ ଉପଯୋଗୀ ଶ୍ରମ ଶକ୍ତି ଗଢ଼ି ତୋଳିବା ଉପରେ ଫୋକସ କରିଛି । କୃତୀତ୍ୱପୂର୍ଣ୍ଣ ଓ ମେଧାବୀ ଛାତ୍ରଛାତ୍ରୀ ଦେଶର ଡିଜିଟାଲ ଏବଂ ଆର୍ଥିକ କ୍ଷେତ୍ରକୁ ଦୃଢ଼ କରିବା ଦିଗରେ ବଳିଷ୍ଠ ଯୋଗଦାନ ଦିଅନ୍ତି । ଓଡ଼ିଶାରେ ଆଇଟି ବିକାଶର ଦିଗକୁ (କ୍ରମଶଃ)

ଦେଖିଲେ, ଓଡ଼ିଶାକୁ ଫିନଟେକ, ଇନସ୍ୟୁରଟେକ ଏବଂ ଗ୍ଲୋବାଲ କାପାବିଲିଟି ସେଣ୍ଟର କ୍ଷେତ୍ରରେ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବାକୁ ଜିଏଫଟିଏନ ସହ ଚୁକ୍ତି ହୋଇଛି । ଗ୍ଲୋବାଲ ଲର୍ଣ୍ଣିଂ, ନବସୃଜନ ଏବଂ ବିଶ୍ୱ ସହ ଯୋଡ଼ି ହୋବା ଭଳି ତିନି ସ୍ତମ୍ଭ ଉପରେ ଏହା ଧ୍ୟାନ ରଖିଛି । ପନ୍ଦର ଏମଓୟୁ ହେବ ବୋଲି ଆଶା ରଖିଛନ୍ତି ସରକାର । ସୂଚନାଥାଉକି ଓଡ଼ିଶାରେ ଏହି ବିଶ୍ୱସ୍ତରୀୟ ସମ୍ମିଟ କାର୍ଯ୍ୟକ୍ରମରେ ୨୪ଟି ଆଇଟି ଅଭିବୃଦ୍ଧି ସମ୍ପନ୍ନ ୧୭୦୦ ପ୍ରତିନିଧି ଓଡ଼ିଆ ଯୁବ ପ୍ରତିନିଧିଙ୍କ ସହ ବାର୍ତ୍ତା ବିନିମୟ କରିଥିଲେ । ପାଞ୍ଚଟି ମହାଦେଶର ୧୦୦ ଜଣ ଆଇଟି ଉଦ୍ୟୋଗୀ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଏଥିରେ ଯୋଗ ଦେଇ ଅନ୍ତର୍ଜାତୀୟ ସ୍ତରର ନୀତିନିର୍ଦ୍ଧାରକ, ନିୟାମକ, ଟେକଲିଡ଼ର, ଆର୍ଥିକ ପ୍ରତିଷ୍ଠାନ, ନିବେଶକ, ଷ୍ଟାଟଅପ୍ ଏବଂ ଶିକ୍ଷା କ୍ଷେତ୍ର ଉପରେ ବ୍ୟାପକ ଓ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରାକୃତିକ ସମ୍ବଳରେ ଭରପୁର ଓଡ଼ିଶା ବିକଶିତ ଭାରତର ଗେଟୱେ ହେବା ଦ୍ୱାରା ବିଶ୍ୱସ୍ତରରେ ଓଡ଼ିଶା ଏକ ବିକଶିତ ଓ ଅଭିବୃଦ୍ଧି ସମ୍ପନ୍ନ ରାଜ୍ୟ ଭାବେ ପରିଗଣିତ ହେବା ସହ ରାଜ୍ୟର ଅର୍ଥନୀତି ମଧ୍ୟ ତ୍ୱରାନ୍ୱିତ ହେବ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ୟୁରୋପ ବଜାରରେ ଭାରତର ପ୍ରବେଶ

**ସୌମେନ୍ଦ୍ର ଜେନା**

ନିକଟରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟିକ ବୁଝାମଣା ଶେଷ ହୋଇସାରିଛି । ଏଥିପାଇଁ ୟୁରୋପୀୟ ସଂଘର ବହୁନେତା ଭାରତ ଆସିଥିଲେ । ୟୁରୋପୀୟ ସଂଘ କମିଶନର ଅଧ୍ୟକ୍ଷ ଉର୍ସୁଲା ତାଙ୍କ ବକ୍ତବ୍ୟରେ ଯେମିତି ଡାଭୋସରେ ଘୋଷଣା କରିଥିଲେ ସେମିତି ନୂଆଦିଲ୍ଲୀରେ ମଧ୍ୟ ବେଶ୍ ଆତ୍ମବିଶ୍ୱାସୀ ଜଣାପଡୁଥିଲେ । ପୃଥିବୀର ୨୦୦କୋଟି ଜନତାଙ୍କର ବିଶ୍ୱ ବାଣିଜ୍ୟର ଏକ ଚତୁର୍ଥାଂଶ ଜିଡିପି ରହିଥିବା ଏହି ଦୁଇ ଗଣତାନ୍ତ୍ରିକ ଶକ୍ତି ମଧ୍ୟରୁ ଗୋଟିଏ ବିଶ୍ୱର ଦ୍ୱିତୀୟ ଅର୍ଥନୀତି ହୋଇଥିଲା ବେଳେ ଅନ୍ୟଟି ଚତୁର୍ଥ ଅର୍ଥନୀତି ବୋଲି ସେ କହିଥିଲେ । ବିଶ୍ୱର ସର୍ବବୃହତ ବାଣିଜ୍ୟ ବୁଝାମଣା ଭାରତ ସହ କରିବା ପରେ ସେ ବିଶ୍ୱରେ ଯୋଗାଣଧାରାକୁ କାଏମ ରଖି ରୋଜଗାର ସୃଷ୍ଟି ଏକମୁଖୀ ନିର୍ଭରଶୀଳତାକୁ ହ୍ରାସ କରିବ ବୋଲି କହିଥିଲେ । ନୀତି ଆଧାରିତ ବାଣିଜ୍ୟ ଏବଂ ମୁକ୍ତ ଆର୍ଥିକ କାରବାର ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ, ୨୦୩୨ ସୁଦ୍ଧା ଏହି ବୁଝାମଣା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବ ଏହାଦ୍ୱାରା ୟୁରୋପୀୟ ବସ୍ତୁ ଉପରେ ୪ ବିଲିଅନ ୟୁରୋ ବାର୍ଷିକ ବଞ୍ଚିବ । ବୁଝାମଣାରେ ଭାରତ ପ୍ରଥମଥର ପାଇଁ ଏକ ସହଯୋଗୀ ରାଷ୍ଟ୍ରସମୂହକୁ ଅଧିକ ସୁବିଧା ଦେବାକୁ ରାଜି ହୋଇଛି । ୟୁରୋପର ଦାମୀ କାର ଉପରୁ ବର୍ତ୍ତମାନ ରହିଥିବା ୧୧୦ ପ୍ରତିଶତ ଟିକସ ପରେ ୧୦ ପ୍ରତିଶତକୁ ହ୍ରାସ ପାଇବ । ମେସିନ ଉପରେ ଥିବା ୪୪ପ୍ରତିଶତ, ରାସାୟନିକ ପଦାର୍ଥରେ ୨୨ ପ୍ରତିଶତ ଏବଂ ଔଷଧ ଉପରେ ଥିବା ୧୧ ପ୍ରତିଶତ ଟିକସ ଶୂନ୍ୟସ୍ତରକୁ ଖସିଯିବ । ସେହିପରି ୟୁରୋପର ମଦ ଉପରେ ଥିବା ୧୫୦ପ୍ରତିଶତ ଟିକସ ୭୫ ପ୍ରତିଶତକୁ ଖସିବ । ପରେ ତାହା ୨୦ ପ୍ରତିଶତକୁ ହ୍ରାସ ପାଇବ । ଅଲିଭ ତେଲ ଉପରେ ଥିବା ୪୫ ପ୍ରତିଶତ ଟିକସ ଶୂନ୍ୟ ସ୍ତରକୁ ଖସିବ । ବିଦେଶୀ ପାଉଁରୁଟି ଏବଂ ଚକୋଲେଟ୍ ଉପରୁ ୫୦ ପ୍ରତିଶତ ଟିକସ ହ୍ରାସ ପାଇବ । ଏଆରଟେଲର ମାଲିକ ସୁନିଲ ଭାରତୀ ମିତ୍ତଲଙ୍କ ଭାଷାରେ "ଏହି ବୁଝାମଣା ବିଶ୍ୱାସ, ସ୍ଥିରତା ଏବଂ ବହୁ ଦିନପାଇଁ ସହଯୋଗୀ ହେବାଲାଗି ବିଶ୍ୱକୁ ସନ୍ଦେଶ ଦେଇଛି । ଏହା ଫଳରେ ଡିଜିଟାଲ ଭିତ୍ତିଭୂମି, ମହାକାଶରେ ସଂଯୋଗୀକରଣ, ନେଟୱାର୍କର ସୁରକ୍ଷା, ଭାରତରେ ନବସର୍ଜନ ପାଇଁ ୟୁରୋପର ସହଯୋଗ ସହ ବିଶ୍ୱବଜାରକୁ ଖୋଲିବ । ୟୁରୋପରେ ଟେଲିକମ୍ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଏଆରଟେଲ ପାଇଁ ରାସ୍ତା ଫିଟିଛି ।" ଏହା ଯୋଗୁ ଭୋକ୍ସୱାଗନ, ମର୍ସିଡିସ ବେଞ୍ଜ ଏବଂ ରିନଲ୍ଟ ପରି କମ୍ପାନୀର ପ୍ରାୟ ବାର୍ଷିକ ୨,୫୦,୦୦୦ କାର ଉପରୁ ଟିକସ ହ୍ରାସ ପାଇବ । ରୁଷିଆକୁ ୨୦୨୨ରୁ ଯାଉନଥିବା କିମ୍ବା ଟିକସଯୁକ୍ତ ହୋଇ ଆମେରିକା ଯାଉଥିବା ୟୁରୋପର କାରଗୁଡିକ ଭାରତର ବଡ ବଜାରରେ ସୁବିଧାରେ ବିକ୍ରିର ସୁଯୋଗ ଲାଭ କରିବେ । ସେମିତି ଭାରତର ଚମଡା, ସାମୁଦ୍ରିକ ଦ୍ରବ୍ୟ, ପୋଷାକପତ୍ର, ରାସାୟନିକ ପଦାର୍ଥ, ରବର, ଖଣିଜଦ୍ରବ୍ୟ, ମୂଲ୍ୟବାନ ପଥର, ଅଳଙ୍କାର ଆଦି ୟୁରୋପର ବଜାରରେ ବିକ୍ରିର ସୁବିଧା ପାଇବେ । ଭାରତରେ କ୍ଷୀର, ଘିଅ, ଲହୁଣି ପରି ଦୁଗ୍ଧଜାତ ପଦାର୍ଥ କ୍ଷେତ୍ରରେ ୟୁରୋପର କମ୍ପାନୀ ବିକ୍ରି ସୁବିଧା ପାଇବେ ନାହିଁ । ସେମିତି ୟୁରୋପରେ ଭାରତର ଚିନି, ମାଂସ, କୁକୁଡା ପରି ପଦାର୍ଥ ବିକ୍ରି ସୁବିଧା ପାଇବେ ନାହିଁ । ଦକ୍ଷତାଯୁକ୍ତ ଯୁବକ ଏବଂ ଶ୍ରମିକ ଉଭୟ ଦେଶରେ ନିଯୁକ୍ତି ସୁଯୋଗ ଲାଭ କରିବେ ।

ମାର୍ଚ୍ଚ ୨୦୨୫ସୁଦ୍ଧା ୟୁରୋପୀୟ ସଂଘର ଦ୍ୱିପାକ୍ଷିକ ବାଣିଜ୍ୟ ଭାରତ ସହ ୧୯୬ ବିଲିଅନ ଡଲାର ଥିଲା । ଆମେରିକା ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ୧୩୨ ବିଲିଅନ ଡଲାର ରହିଥିଲା । ଚୀନ-ଭାରତ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୮୪ ବିଲିଅନ ଡଲାର ରହିଥିଲା । ମୁକ୍ତ ବାଣିଜ୍ୟ ବୁଝାମଣା ପରେ କଟକଣା ଯୋଗୁ ଭାରତରୁ ଆମେରିକାକୁ ଯାଉନଥିବା ବସ୍ତୁ ୟୁରୋପରେ ବିକ୍ରିର ସୁବିଧା ପାଇବ । ନିକଟରେ ଆମେରିକା ଭାରତ ସହ ମୁକ୍ତ ବାଣିଜ୍ୟ ବୁଝାମଣା କରିବାକୁ ଘୋଷଣା କରିଥିଲେ ମଧ୍ୟ ବଙ୍ଗଳାଦେଶ ସହ ଆଗୁଆ ଶୂନ୍ୟ ତାରିଫଯୁକ୍ତ ବାଣିଜ୍ୟ କରିବାକୁ ପ୍ରକାଶ କରିଛି । ଆମେରିକାର ଏହି ପଦକ୍ଷେପ ମୁକ୍ତ ବାଣିଜ୍ୟ ବୁଝାମଣା ପରେ ମଧ୍ୟ ବିଶ୍ୱାସ ଦୃଷ୍ଟିରୁ ଭାରତରେ ଦୁର୍ବଳ ରହିବ । ଅନେକ ରାଷ୍ଟ୍ର ଚୀନ ଏବଂ ଆମେରିକା ଉପରୁ ଭରସା ତୁଟାଇଥିବା ହେତୁ ଭାରତ ଉପରେ ଭରସା କରିବା ସ୍ୱାଭାବିକ । ଭାରତ ପରି ସର୍ବବୃହତ ଜନବହୁଳ ଏବଂ ବଡ ବଜାର ଅନ୍ୟ କୌଣସି ଦେଶରେ ମିଳିବ ନାହିଁ । କାରଣ ଆମେରିକା ଆଉ ଭରସାଯୋଗ୍ୟ ଦେଶ ହୋଇ ରହିନାହିଁ ବୋଲି ଜେପି ମୋର୍ଗାନ ସଂସ୍ଥାର ସିଇଓ ଜେମି ଡିମୋନ ପ୍ରକାଶ କରିଛନ୍ତି । ୟୁରୋପର ୧୪୪ଟି ସବ୍‌ସେକ୍ଟର କ୍ଷେତ୍ରରେ ଭାରତ ପ୍ରବେଶ କରିବ । ସେମିତି ଭାରତରେ ୧୦୨ଟି ସବ୍‌ସେକ୍ଟର କ୍ଷେତ୍ରରେ ୟୁରୋପ ସେବା ଦେବ । ପାରମ୍ପାରିକ ଔଷଧ ପ୍ରଚଳିତ ନଥିବା ଅଞ୍ଚଳରେ ଭାରତର ଔଷଧ ପ୍ରବେଶ ସୁବିଧା ଲାଭ କରିବ ।

ମୁକ୍ତ ବାଣିଜ୍ୟ ବୁଝାମଣାରେ କୃତ୍ରିମ ବୁଦ୍ଧିମତ୍ତା, ସ୍ୱଚ୍ଛ ଟେକ୍‌ନୋଲୋଜୀ, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତକୁ ୟୁରୋପୀୟ ସଂଘରୁ ସହଯୋଗ ମିଳିବ । ୟୁରୋପର ୨ ଟ୍ରିଲିଅନ ବଜାରରେ ଭାରତ ପ୍ରବେଶ କରିବ । ୨୦୩୦ସୁଦ୍ଧା ଭାରତ ୟୁରୋପକୁ ୩୦୦ ବିଲିଅନ ଡଲାର ମୂଲ୍ୟର ରପ୍ତାନୀ କରିବାକୁ ଲକ୍ଷ୍ୟ ରଖିଛି । ଦେଶର ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ ଏବଂ ତାମିଲନାଡୁର କ୍ଷୁଦ୍ର ଏବଂ କୁଟୀରଶିଳ୍ପ ଏଥିରୁ ଲାଭବାନ ହେବେ । ବିଶେଷକରି ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଭାରତ ଓ ୟୁରୋପୀୟ ସଂଘ ଉଭୟେ ଲାଭବାନ ହେବେ । ଯୁଦ୍ଧପୋତ ନିର୍ମାଣ, ବାଣିଜ୍ୟପୋତ ନିର୍ମାଣ, ବୁଡାଜାହାଜ ନିର୍ମାଣ, ବିମାନ ନିର୍ମାଣ କ୍ଷେତ୍ରରେ ଭାରତ ୟୁରୋପୀୟ ସଂଘର ଦକ୍ଷ କମ୍ପାନୀଗୁଡିକ ସହ ମିଶି କାର୍ଯ୍ୟକରିପାରିବ । ସ୍ୱିଡେନର ଫାବ୍ କମ୍ପାନୀ ଦ୍ୱାରା ନିର୍ମିତ ଶ୍ରୀପେନ ଯୁଦ୍ଧବିମାନ ଭାରତରେ ନିର୍ମାଣ ପାଇଁ ଏବେ ଇଚ୍ଛାପ୍ରକାଶ କରିଛି । ଦୁଇଦେଶର କମ୍ପାନୀଗୁଡିକ ମଧ୍ୟରେ ସହଯୋଗ ବଢିଲେ ଭାରତର କୁଶଳୀ ଶ୍ରମିକ ଏବଂ ୟୁରୋପର ନିବେଶର ସହଯୋଗରେ ନାହିଁ ନଥିବା କାର୍ଯ୍ୟ ସମ୍ଭବ ହେବ । ଏହି ବୁଝାମଣା ପରେ ବ୍ରିକ୍ସ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦୂରତା ହ୍ରାସ ପାଇବ । ଫ୍ରାନ୍ସ, ଇଟାଲୀ ଏବଂ ଜର୍ମାନୀ ବ୍ରିକ୍ସରେ ଯୋଗଦେବାକୁ ଆଗ୍ରହୀ ରହିଛନ୍ତି । ଭାରତର ମାଧ୍ୟମରେ ଏହା ସମ୍ଭବ ହେଲେ ୟୁରୋପରେ ଯୁଦ୍ଧ ଭୟ ହ୍ରାସ ହେବ ଏବଂ ଆମେରିକା କ୍ଷତି ସହିବ ।

ନବସର୍ଜନ, ଶିକ୍ଷା, ଗବେଷଣା ପରି ବହୁବିଧ କ୍ଷେତ୍ରରେ ବୁଝାମଣାର ପ୍ରଭାବ ପଡିବ । ୟୁରୋପର ୨୬୩.୫ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବଜାର ଏବେ ଭାରତ ପାଇଁ ଖୋଲିଯିବ । ବିନା ଶୁଳ୍କରେ ଭାରତର ବସ୍ତ୍ର ୟୁରୋପର ବଜାରରେ ପ୍ରବେଶ କରିବ । ଏବେ ବାର୍ଷିକ ୭ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ଭାରତ ୟୁରୋପକୁ ରପ୍ତାନୀ କରୁଛି । ଅଥଚ ବଙ୍ଗଳାଦେଶ ବିନା ଶୁଳ୍କରେ ବାର୍ଷିକ ୩୦ ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ୟୁରୋପକୁ ରପ୍ତାନୀ କରିଆସୁଛି । ତେଣୁ ଭାରତ ୩୦-୪୦ବିଲିଅନ ଡଲାର ମୂଲ୍ୟର ବସ୍ତ୍ର ବାର୍ଷିକ ରପ୍ତାନୀ କରିପାରିବ । ୟୁରୋପକୁ ଭାରତ ପ୍ରତିବର୍ଷ ୬୦ପ୍ରତିଶତ ପ୍ରସ୍ତୁତ ବେଶପୋଷାକ ରପ୍ତାନୀ କରୁଛି । ତା ପଛକୁ କପଡା ୧୭ପ୍ରତିଶତ ଏବଂ ଫାଇବର ପୋଷାକ ୧୨ପ୍ରତିଶତ ରପ୍ତାନୀ କରୁଛି । ଭାରତରେ ୪୫୦ଲକ୍ଷ ଲୋକ ସିଧାସଳଖ ବସ୍ତ୍ର ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି । ଦେଶର ୩୪୨ଟି ଜିଲ୍ଲାର ଲୋକେ ଏହି ଶିଳ୍ପରେ ସାମିଲ ଅଛନ୍ତି । ପ୍ରସ୍ତୁତ ପୋଷାକ ତିରୁପୁର, ବେଙ୍ଗାଲୁରୁ, ଗୁରୁଗ୍ରାମ, ଫରିଦାବାଦରୁ ଯାଉଥିବାବେଳେ କପଡା ବସ୍ତ୍ର କାରୁର, ପାନିପତ, ଅହମ୍ମଦାବାଦରୁ ଏବଂ ସିନ୍ଥେଟିକ ପୋଷାକ ସୁରତ, ଦାଦ୍ରା ଓ ନଗର ହାବେଳି, ମୁମ୍ବାଇରୁ ମୁଖ୍ୟତଃ ପ୍ରସ୍ତୁତ ହୋଇ ରପ୍ତାନୀ ହେଉଛି । ସେହିପରି ସିଲକ କ୍ଷେତ୍ରରେ ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଏବଂ ବିହାରର ବୁଣାକାର କାର୍ଯ୍ୟ କରୁଛନ୍ତି । ୨୦୧୯ରେ ୟୁରୋପୀୟ ସଂଘ ସହ ମୁକ୍ତ ବାଣିଜ୍ୟ ବୁଝାମଣା ଶେଷକରି ଭିଏତନାମ ପରି ଦେଶ ଏବେ ୧୪ରୁ ବିଲିଅନ ୧୬ଡଲାର ମୂଲ୍ୟର ପୋଷାକ ପ୍ରତିବର୍ଷ ରପ୍ତାନୀ କରୁଛି । ଏଥିରୁ ଭାରତ ଶିକ୍ଷା କରିପାରିବ । ରପ୍ତାନୀ ବଢିଲେ ଏହି ଶିଳ୍ପରେ ରୋଜଗାର ଏବଂ ନିଯୁକ୍ତି ମଧ୍ୟ ବୃଦ୍ଧିପାଇବ । ୟୁରୋପ ଅନେକ ସାମଗ୍ରୀ ପାଇଁ ଚୀନ କିମ୍ବା ଆମେରିକା ଉପରେ ନିର୍ଭର କରିବ ନାହିଁ, ଏକଥା ସତ । ଅକ୍ଟୋବର ୨୦୨୫ରେ ଭାରତ-ଇକୋନୋମିକ ପାର୍ଟନରସିପ ଏଗ୍ରିମେଣ୍ଟୟୁରୋପର ସ୍ୱିଜରଲାଣ୍ଡ, ନରୱେ,ଆଇସଲାଣ୍ଡ, ଲିଚେନଷ୍ଟେନ ସହ ହୋଇଥିଲା । ସେଥିରେ ଏହିସବୁ ରାଷ୍ଟ୍ର ଆସନ୍ତା ୧୫ ବର୍ଷରେ ଭାରତରେ ୧୦୦ ବିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ସହମତି ପ୍ରଦାନ କରିଥିଲେ । ସେମିତି ଡିସେମ୍ବର ୨୦୨୫ରେ ଭାରତ-ଓମାନ ବ୍ୟାପକ ଆର୍ଥିକ ସହଯୋଗ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ସେଥିରେ ୯୮ ପ୍ରତିଶତ ଭାରତର ବସ୍ତୁ ଶୁଳ୍କ ମୁକ୍ତ ଭାବେ ଓମାନର ବଜାରରେ (କ୍ରମଶଃ)

ପ୍ରବେଶାଧିକାର ଲାଭ କରିଥିଲା ।

ଦେଖିବାକୁ ଗଲେ କୋରୋନା ସମୟରୁ ପୃଥିବୀର ଅନେକ ଦେଶର ଆର୍ଥିକସ୍ଥିତି ଖରାପ ରହିଆସିଛି । ହେଲେ ନରେନ୍ଦ୍ର ମୋଦିଙ୍କ ଦକ୍ଷତା, ନେତୃତ୍ୱ ଏବଂ ଆର୍ଥିକ ପରିଚାଳନା ଓ ନୀତି ଯୋଗୁ ଭାରତ ବିଶ୍ୱରେ ବିକାଶଧାରାରେ ଆଗରେ ରହିଆସିଛି । ଭାରତର ପ୍ରଗତି, ଆର୍ଥିକ ବିକାଶ ମୂଳରେ ଅନ୍ତ୍ୟୋଦୟ ବିଚାର ରହିଛି, ଅନ୍ୟ ଦେଶମାନଙ୍କୁ ସାଙ୍ଗରେ ଆଗକୁ ନେବାର ରହିଛି । ସେଥିପାଇଁ ଆମେରିକାର ଦାଦାଗିରି, ଅହଙ୍କାର, ସାମ୍ରାଜ୍ୟବାଦୀ ମାନସିକତାକୁ ପଛକରି ୟୁରୋପ ଭାରତ ଉପରେ ଆସ୍ଥା ପ୍ରକଟ କରିଛି । ଏକଥା ସତ ଯେ ଏକବିଂଶ ଶତାବ୍ଦୀ ଭାରତର ଏବଂ ତାହା ଏବେ ସ୍ପଷ୍ଟ ହେବାରେ ଲାଗିଛି । ଆଗାମୀ ଦିନରେ ବ୍ରାଜିଲ, କାନାଡା ଆଦି ରାଷ୍ଟ୍ର ସହ ବୁଝାମଣା ତା'ର ପ୍ରମାଣ ହେବ । ବିଶ୍ୱ ଏବେ ଭାରତମୁହାଁ ହୋଇଛି ଏବଂ ଆଗକୁ ହେବ । ଆମର ଦାୟିତ୍ୱ ଏହାକୁ ବଜାୟ ରଖିବା । ଟ୍ରମ୍ପ ବିଶ୍ୱକୁ ନାଲିଆଖି ଦେଖାଇ, ଶୁଳ୍କ ଲଗାଇ, ଦେଶ ଜବରଦଖଲର ଭୟ ଦେଖାଇ, ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଦେଶଭିତରୁ ଅପହରଣ କରିଆଣି ସାରା ବିଶ୍ୱକୁ ସନ୍ତ୍ରସ୍ତ କରିବାକୁ ଚେଷ୍ଟା କରିବା ସମୟରେ ମୋଦି ଟ୍ରମ୍ପଙ୍କ ସହ କଥା ନହୋଇ, ଅନେକ ବିଷୟରେ ମନ୍ତବ୍ୟ ନଦେଇ, ଟ୍ରମ୍ପଙ୍କ ଶୁଳ୍କ ଧମକ ଆଗରେ ଭୟ ନକରି ଯେପରି ସାହସ ଓ ଧୈର୍ଯ୍ୟର ସହ ଭାରତ ପାଇଁ ବିକଳ୍ପ ବଜାର ଖୋଲିବାକୁ ସକ୍ଷମ ହେଲେ ତାହା ବେଶ୍ ପ୍ରଶଂସନୀୟ । ଆଗାମୀ ଦିନରେ ଭାରତ ପାଇଁ ଏହା ବନ୍ଧୁ ଅର୍ଜନର କାରକ ହେବ ।

ଭାରତ-ୟୁରୋପୀୟ ମୁକ୍ତ ବାଣିଜ୍ୟିକ ବୁଝାମଣାକୁ ଦେଖି ଆମେରିକାର ଟ୍ରମ୍ପ ପ୍ରଶାସନର ବୁଦ୍ଧି ହଜିଯାଇଛି । ପ୍ରଶାସନର ସରକାରୀ ଅର୍ଥ ସଚିବ ସ୍କଟ ବେସେଣ୍ଟ କହିଛନ୍ତି, ରୁଷିଆଠାରୁ ତେଲ କିଣିବା ଯୋଗୁ ଆମେ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲୁ । କିନ୍ତୁ ପରିଣତି କଣ ହେଲା ? ୟୁରୋପୀୟ ରାଷ୍ଟ୍ରଗୁଡିକ ଭାରତ ସହ ବାଣିଜ୍ୟିକ ବୁଝାମଣା କଲେ । ସେମିତି ୱିସଡମ୍ ଟ୍ରି ଫଣ୍ଡସର ବିଶ୍ୱ ନିବେଶ ଅଧିକାରୀ ଜେରେମି ସ୍ୱାର୍ଜ କହିଛନ୍ତି, "ଉଦାରୀକରଣ ପରେ ଭାରତ ପ୍ରଥମେ ଆମେରିକା ସହ ବାଣିଜ୍ୟ ବୁଝାମଣା କରିବ ବୋଲି ମୁଁ ମନେ ମନେ ଭାବିଥିଲି । ଏ କ୍ଷେତ୍ରରେ ୟୁରୋପ ଆମକୁ ହରାଇଦେଲା ।" ଏହି ବୁଝାମଣାରୁ ଭାରତ ସବୁଠୁ ଅଧିକ ଲାଭାନ୍ୱିତ ହେବ ବୋଲି ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀର ପ୍ରକାଶ କରିଛନ୍ତି । ଭାରତ ସହ ୟୁରୋପ ମୁକ୍ତ ବାଣିଜ୍ୟ ବୁଝାମଣା କରି ଠିକ୍ କରିନାହିଁ ବୋଲି ଟ୍ରମ୍ପଙ୍କ ପ୍ରଶାସନ ମତ ଦେଇଛି । ଏହାର କାରଣ ହେଲା ୟୁରୋପ ସହ ଆମେରିକା ବାର୍ଷିକ ୩୦୦ ବିଲିଅନ ଡଲାରର ବ୍ୟବସାୟ କରିଥାଏ । ୟୁରୋପ ସହ ଭାରତର ବୁଝାମଣାପରେ ଆମେରିକାର ଅନେକ ବାଣିଜ୍ୟ ଭାରତ ନେବ, ଏଥିରେ ସନ୍ଦେହ ନାହିଁ । ୟୁରୋପରେ ଭାରତର ଚଳ ଏବେ ଆମେରିକାକୁ ଚିନ୍ତାରେ ପକାଇ ଦେଇଛି । ଭାରତ-ୟୁରୋପ ମଧ୍ୟରେ ପ୍ରତିରକ୍ଷା ଓ ଟେକ୍‌ନୋଲୋଜୀ ସହଯୋଗ ବଢିଲେ ଆମେରିକାର ଅଧିକ କ୍ଷତି ହେବ ଏହା ନିଶ୍ଚିତ । ରୁଷିଆ ଏବଂ ୟୁରୋପ ମଧ୍ୟରେ ଭାରତ ସନ୍ତୁଳନ ରକ୍ଷାକାରୀ ଭାବେ କାର୍ଯ୍ୟକଲେ ତାହା ଆମେରିକାର ସ୍ୱାର୍ଥକୁ ଅଧିକ କ୍ଷତି ପହଞ୍ଚାଇବ । ଏହି ବୁଝାମଣା କେବଳ ଆରମ୍ଭ ମାତ୍ର, ଆଗାମୀ ଦିନରେ ବହୁତ କିଛି ହେବାଲୁ ବାକି ଅଛି ବୋଲି କହିଛନ୍ତି ଉର୍ସୁଲା ଭନଡେର ଲାୟେନ । ଏହି ବୁଝାମଣା ୨୦୨୭ ବେଳକୁ ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ, ଦୁଇପକ୍ଷ ମଧ୍ୟରେ ଅନେକ କିଛି ଭଲକାର୍ଯ୍ୟ ହେବ, ସମସ୍ତଙ୍କ ଦୃଷ୍ଟିକୁ ଆସିବ ବୋଲି କୁହାଯାଉଛି । ତେବେ ଏହି ବୁଝାମଣା ସବୁଦୃଷ୍ଟିରୁ ଯେମିତି ବଡ, ସେମିତି ବ୍ୟାପକ । ଭାରତ ଏକବିଂଶ ଶତାବ୍ଦୀର ନେତୃତ୍ୱ ନେଉଛି, ଆଗାମୀ ଦିନମାନଙ୍କରେ ମଧ୍ୟ ନେବ, ଏହା କେବଳ ପ୍ରକୃତରେ ଅୟମାରମ୍ଭ ମାତ୍ର ।

ଭାରତୀୟ ସମ୍ବାଦ ସେବା (ଭାସ୍),ଭୁବନେଶ୍ୱର-୭୫୧୦୦୩



# ଆମେରିକାରେ ଆକାଶଛୁଆଁ ପେଟ୍ରୋଲ ଓ ଡିଜେଲ ଦର

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଇରାନ ସହିତ ବୃଦ୍ଧି ପାଉଥିବା ଯୁଦ୍ଧ ଏବେ ସ୍ପଷ୍ଟ ଭାବରେ ଆମେରିକାର ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ପକେଟକୁ ପ୍ରଭାବିତ କରୁଛି । ଆମେରିକୀୟମାନେ ଦୋହରା ଭାବେ ଫସି ରହିଛନ୍ତି । ଗୋଟିଏ ପଟେ, ଇରାନ ସହିତ ଲଢ଼ିବା ପାଇଁ ପ୍ରତିଦିନ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ ହେଉଛି । ଅନ୍ୟପଟେ, ଏହି ଯୁଦ୍ଧ ଯୋଗୁଁ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହେବାରେ ଲାଗିଛି । ଆମେରିକାରେ ପ୍ରତି ଗ୍ୟାଲନ ପେଟ୍ରୋଲର ମୂଲ୍ୟ ୩.୩୨ ଡଲାରରେ ପହଞ୍ଚିଛି । ଏକ ସପ୍ତାହ ମଧ୍ୟରେ ଏହା ପୂର୍ବ ତୁଳନାରେ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି ପାଇଛି ।



ଡିଜେଲ ମୂଲ୍ୟ ପ୍ରତି ଗ୍ୟାଲନ ୪.୩୩ ଡଲାରରେ ପହଞ୍ଚିଛି । ଏହା ଏକ ସପ୍ତାହ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ହୋଇଛି । ଏକ ଗ୍ୟାଲନ୍ ପ୍ରାୟ ୩.୭୮ ଲିଟରୟ ତେଣୁ, ଲିଟର ପ୍ରତି ଦର ୦.୮୮ ଡଲାର ବା ଭାରତୀୟ ଟଙ୍କାରେ ପ୍ରାୟ ୮୧ ଟଙ୍କା ଛୁଇଁଛି । ଆମେରିକା-ଇରାନ ଯୁଦ୍ଧ ପରଠାରୁ ବିଶ୍ୱ ତୈଳ ବଜାର ଅସ୍ଥିରତାରେ ରହିଛି । ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ଏବଂ ଆକ୍ରମଣ ଯୋଗୁଁ ତୈଳ ଟ୍ୟାଙ୍କରଗୁଡ଼ିକର ଚଳାଚଳ ବିପଦରେ ପଡ଼ିଛି, ଏହି ସମୁଦ୍ର ପଥ ଦେଇ ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ହୁଏ । ଏହି ମାର୍ଗ ପ୍ରତି ବିପଦ ବଢ଼ିବା ସହିତ, ସମଗ୍ର ବଜାରରେ ତୈଳ ଦର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ।

# ତୈଳ ଆମଦାନି ପାଇଁ ବିକଳ୍ପ ପଥ ଅନୁସନ୍ଧାନରେ ଭାରତ-ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଆମେରିକା-ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତକୁ ଅଶୋଧିତ ତେଲ ଓ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଛି । ଫଳରେ ମଧ୍ୟପ୍ରାଚ୍ୟରୁ ଭାରତକୁ ତେଲ ଆସି ପାରୁନାହିଁ । ତେବେ ଏଭଳି ସ୍ଥିତିରେ ବିକଳ୍ପ ଯୋଜନା କରିଛି ଭାରତୟ ବିଶେଷକରି ଅଷ୍ଟ୍ରେଲିଆ ଓ କାନାଡ଼ାରୁ ଭାରତ ପ୍ରାକୃତିକ ଗ୍ୟାସ୍ ଆମଦାନି କରିବା ପାଇଁ ପ୍ରସ୍ତୁତ ହେଉଛି । ଜଳପଥରେ ହର୍ମୁଜ୍ ପ୍ରଣାଳୀ ପରିବର୍ତ୍ତେ ଅନ୍ୟ ରୁଟ୍ରେ ଏହା ଆମଦାନି କରାଯିବ । ଇତିମଧ୍ୟରେ ଭାରତକୁ ବିଭିନ୍ନ ଜାହାଜରେ ରୁଷ୍ ତେଲ ଆସି ସାରିଛି । ସୂଚନାଯୋଗ୍ୟ, ଭାରତକୁ ଆମଦାନି ହେଉଥିବା ଅଶୋଧିତ ତେଲର ୪୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ତେବେ ଅବଶିଷ୍ଟ ୬୦ ପ୍ରତିଶତ ଅନ୍ୟ ରୁଟରେ ଆସି ପାରିବ । ତେଣୁ ହର୍ମୁଜ୍ ପ୍ରଣାଳୀ ଦ୍ୱାରା ଭାରତ ଯେଉଁଳି ଅଧିକ ପ୍ରଭାବିତ ହେବ ନାହିଁ ସେ ଦିଗରେ




ଉଦ୍ୟମ ଜାରି ରହିଛି । ଆମେରିକା ଓ ୟୁଏଇ ମଧ୍ୟରେ ଭାରତ ତେଲ କିଣା ପାଇଁ ଇତିମଧ୍ୟରେ ଚୁକ୍ତି ସ୍ୱାକ୍ଷର କରିଛି । ଏହା ଦେଶରେ ତେଲ ସଂକଟକୁ ଟାଳି ପାରିବ। ତେଲ ଯୋଗାଣକୁ ଅବ୍ୟାହତ ରଖି ପାଇଁ ଭାରତ ବିଶ୍ୱର ପ୍ରମୁଖ ତେଲ ଓ ଗ୍ୟାସ୍ ଯୋଗାଣକାରୀ ରାଷ୍ଟ୍ର ଓ ଆନ୍ତର୍ଜାତିକ ସଂଘଗୁଡ଼ିକ ସହିତ ଯୋଗାଯୋଗରେ ରହିଥିବା ଜଣାପଡ଼ିଛି ।

# ଇରାନ ଯୁଦ୍ଧଜାହାଜକୁ ଶରଣ ଦେଲା ଭାରତ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅଧିକ ଖରାପ ହେବାରେ ଲାଗିଛି । ନିକଟରେ, ଆମେରିକା ଏକ ଇରାନୀ ଯୁଦ୍ଧଜାହାଜ ଉପରେ ଆକ୍ରମଣ କରି ବୁଡ଼ାଇ ଦେଇଥିବାବେଳେ, ଆଉ ଏକ ଇରାନୀ ଜାହାଜ, ଆଇଆରଆଇଏସ୍ ଲାଭନ୍, ଶୁକ୍ରବାର ଭାରତର କୋଚି ବନ୍ଦରରେ ପହଞ୍ଚିଛି । ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ରିପୋର୍ଟ କହିଛି ଯେ ଫେବୃଆରୀ ୨୮ତାରିଖରେ ଜାହାଜରେ କୌଣସି ଯାନ୍ତ୍ରୀକ ତ୍ରୁଟି ଦେଖାଦେବା ପରେ ଇରାନ ଭାରତକୁ ସହାୟତା ଅନୁରୋଧ କରିଥିଲା । ମାର୍ଚ୍ଚ ୧ତାରିଖରେ ଜାହାଜକୁ କୋଚିରେ ଡେକିଂ କରିବାକୁ ଭାରତ ଅନୁମତି ଦେଇଥିଲା ଏବଂ ମାର୍ଚ୍ଚ। ୪ତାରିଖରେ ଜାହାଜ ବନ୍ଦରରେ ପହଞ୍ଚିଥିଲା । ଜାହାଜରେ ଥିବା



୧୮୩ଜଣ କ୍ରୁ ସଦସ୍ୟ ବର୍ତ୍ତମାନ କୋଚିରେ ଭାରତୀୟ ନୌସେନା ପ୍ରତିଷ୍ଠାନରେ ରହିଛନ୍ତି । ଉଲ୍ଲେଖନୀୟ, ଗୁରୁବାର ଆମେରିକା ଆକ୍ରମଣ ଆଶଙ୍କା ମଧ୍ୟରେ ଶ୍ରୀଲଙ୍କା ତ୍ରିଙ୍କୋମାଲି ବନ୍ଦରରେ ଇରାନୀ ନୌସେନା ଜାହାଜ ଆଇଆରଆଇଏନଏସ୍ ବୁଶେହରକୁ ଆଶ୍ରୟ ଦେଇଥିଲା । ରାଷ୍ଟ୍ରପତି ଏହାକୁ ମାନବିକତା ଦୃଷ୍ଟିରୁ ନିଆଯାଇଥିବା ଏକ ସ୍ୱାଧୀନ ନିଷ୍ପତ୍ତି ବୋଲି ବର୍ଣ୍ଣନା କରିଥିଲେ । ଏହି ଜାହାଜରେ ମୋଟ ୨୦୮ ଜଣ ଲୋକ ଥିଲେ, ଯେଉଁଥିରେ ୫୩ ଜଣ ଅଧିକାରୀ, ୮୪ ଜଣ କ୍ୟାଡେଟ୍ ଓ ୭୧ ଜଣ ଅନ୍ୟ ନାବିକ ଅଛନ୍ତିୟ।

# ଆକ୍ରମଣ ପାଇଁ ପଡ଼ୋଶୀ ଦେଶଙ୍କୁ କ୍ଷମା ମାଗିଲେ ଇରାନ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଆକ୍ରମଣ ପାଇଁ ପଡ଼ୋଶୀ ଦେଶଙ୍କୁ କ୍ଷମା ମାଗିଲେ ଇରାନ ରାଷ୍ଟ୍ରପତି ତେହେରାନ, ୭/୩ ଇରାନ ଉପରେ ଗତ ଶନିବାରଠାରୁ ଇସ୍ରାଏଲ ଓ ଆମେରିକା ଆକ୍ରମଣ ଜାରି ରଖିଥିବା ବେଳେ ଇରାନ ମଧ୍ୟ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରୁଛି । ଇରାନ ଇସ୍ରାଏଲ ଉପରେ ସିଧାସଳଖ ଆକ୍ରମଣ କରୁଥିବାବେଳେ ପଶ୍ଚିମ ଏସିଆରେ ଥିବା ଆମେରିକାର ସାମରିକ ଘାଟି ଉପରେ ଜୋରଦାର ଆକ୍ରମଣ କରୁଛି । ଇରାନର ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ଏହାର ପଡ଼ୋଶୀ ଦେଶମାନେ କ୍ଷତିଗ୍ରସ୍ତ ହେଉଛନ୍ତି । ଇରାନ କର୍ତ୍ତୃପକ୍ଷ ଏହି ଆକ୍ରମଣକୁ ୱାସିଂଟନ ଏବଂ ତେଲ ଅଭିଭର ଆକ୍ରମଣ ବିରୋଧରେ ପ୍ରତିଶୋଧମୂଳକ ପଦକ୍ଷେପ ଭାବରେ ପ୍ରସ୍ତୁତ କରିଛନ୍ତି । ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ପଡ଼ୋଶୀ ଦେଶମାନଙ୍କୁ ଆକ୍ରମଣ ପାଇଁ କ୍ଷମା ମାଗିଛନ୍ତି । ଶନିବାର ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏହି ଭାଷଣ ପୂର୍ବରୁ ରେକର୍ଡ଼ କରାଯାଇଥିଲା । ଏଥିରେ ପେଜେସ୍କିଆନ କହିଛନ୍ତି, ତେହେରାନ ଅନ୍ୟ ଦେଶ ଉପରେ ଆକ୍ରମଣ କରିବାକୁ କୌଣସି ଉଦ୍ଦେଶ୍ୟ ପୋଷଣ କରେ ନାହିଁ । ସେ ଆହୁରି କହିଛନ୍ତି, ଦେଶର ଅସ୍ଥାୟୀ ନେତୃତ୍ୱ ପରିଷଦ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ



ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ଏକ ନିଷ୍ପତ୍ତିକୁ ଅନୁମୋଦନ କରିଛି । ଯଦି ଇରାନ ଉପରେ ସିଧାସଳଖ ସେମାନଙ୍କ ଦ୍ୱାରା ଆକ୍ରମଣ କରାନଯାଏ ତେବେ ତେହେରାନ ପଡ଼ୋଶୀ ଦେଶଙ୍କ ଉପରେ ଆକ୍ରମଣ କରିବ ନାହିଁ । ସେହିପରି ଆମେରିକା ଆଗରେ ଆତ୍ମସମର୍ପଣ କଥାକୁ ଇରାନ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ପେଜେସ୍କିଆନ କହିଛନ୍ତି, ସେମାନେ ଆମର ନିଃସର୍ତ୍ତ ଆତ୍ମସମର୍ପଣର ସ୍ୱପ୍ନକୁ କବର ପର୍ଯ୍ୟନ୍ତ ନେଇପାରିବେ । ଇରାନ ରାଷ୍ଟ୍ରପତିଙ୍କ ଏହି ବିବୃତି କ୍ରମାଗତ ଆଞ୍ଚଳିକ ସଂଘର୍ଷ ମଧ୍ୟରେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ଦୃଢ଼ ମନୋଭାବ ବଜାୟ ରଖି ପଡ଼ୋଶୀ ଦେଶମାନଙ୍କୁ ଆଶ୍ୱସ୍ତ କରିବା ପାଇଁ ତେହେରାନର ପ୍ରୟାସକୁ ସଙ୍କେତ ଦେଉଛି ।

# ବଡ଼ ଦୁର୍ଘଟଣାରୁ ବର୍ତ୍ତିଲେ ୟୁପି ଡେପୁଟି ସିଏମ୍ !

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଆଜି ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଉଡ଼ାଣ ଭରିବାର କିଛି ସମୟ ପରେ ତାଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଲକ୍ଷ୍ନୌର ଅମୌସୀ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି । ସୂଚନା ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ନୌର ଲା-ମାର୍ଟ୍ସ ପଡ଼ିଆରୁ କୌଶାମ୍ବୀ ଯିବା ପାଇଁ ହେଲିକପ୍ଟରରେ ବାହାରିଥିଲେ । ମାତ୍ର ଆକାଶ ମାର୍ଗରେ ଥିବାବେଳେ ହଠାତ ହେଲିକପ୍ଟର କ୍ୟାବିନ୍ ଭିତରେ ପ୍ରବଳ ଧୂଆଁ ଭରିଯାଇଥିଲା । ଏଥିସହିତ ପାଇଲଟଙ୍କ ସାମ୍ନାରେ ଥିବା ଡିସପ୍ଲେ ମଧ୍ୟ ହଠାତ ବନ୍ଦ ହୋଇଯାଇଥିଲା । ଏହାକୁ ଦେଖି ହେଲିକପ୍ଟର ଭିତରେ ଥିବା ସମସ୍ତ ଯାତ୍ରୀ ଓ କର୍ମଚାରୀ ଆତଙ୍କିତ ହୋଇପଡ଼ିଥିଲେ । ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପାଇଲଟ୍ ତୁରନ୍ତ ଲକ୍ଷ୍ନୌ ଏଟିସି ସହ ଯୋଗାଯୋଗ କରିଥିଲେ ଏବଂ ଅମୌସୀ ବିମାନବନ୍ଦରରେ ଅବତରଣ ପାଇଁ ଅନୁମତି ମାଗିଥିଲେ । ସୂଚନା ପାଇବା ମାତ୍ରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ହେଲିକପ୍ଟରଟି ସୁରକ୍ଷିତ ଭାବେ ଓହ୍ଲାଇଥିଲା । ହେଲିକପ୍ଟର ଅବତରଣ କରିବା ମାତ୍ରେ ସୁରକ୍ଷା କର୍ମୀ ଓ ବୈଷୟିକ ଟିମ୍ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ । ପ୍ରାଥମିକ ତଦନ୍ତରୁ ଏହା ଏକ ଯାନ୍ତ୍ରିକ ତ୍ରୁଟି ବୋଲି ଜଣାପଡ଼ିଛି । ବୈଷୟିକ ବିଶେଷଜ୍ଞଙ୍କ ଦ୍ୱାରା ଏହାର ଅଧିକ ଯାଞ୍ଚ କରାଯାଉଛି ।

# ଗୁରମିତ ରାମ ରହିମ ନିର୍ଦ୍ଦୋଷରେ ଖଲାସ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ବହୁଚର୍ଚ୍ଚିତ ଛତ୍ରପତି ହତ୍ୟା ମାମଲାରେ ଡେରା ମୁଖ୍ୟ ରାମ ରହିମଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟଙ୍କ ରାୟକୁ ଆଂଶିକ ଭାବରେ ପରିବର୍ତ୍ତନ କରି ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତେବେ କୋର୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ, ନିର୍ମଳ ଓ କିଶନ ଲାଲଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି । ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କ ରାୟ ବିରୋଧରେ



ଅଭିଯୁକ୍ତମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ଶୁଣାଇଛନ୍ତି । ମାମଲାରେ ପ୍ରମାଣ ଏବଂ ଯୁକ୍ତିର ବିସ୍ତୃତ ବିଚାର ପରେ, କୋର୍ଟ ଜାଣିପାରିଛନ୍ତି ଯେ, ଡେରା ମୁଖ୍ୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଯଥେଷ୍ଟ ପ୍ରମାଣିତ ହୋଇନାହିଁ । ସେହି ଆଧାରରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି । ଅନ୍ୟ ତିନି ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଯଥେଷ୍ଟ ଥିବାରୁ ସେମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ହାଇକୋର୍ଟ ସେମାନଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି । ଏହି ମାମଲା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ସହିତ ଜଡିତ । ସେ ଡେରାରେ ଥିବା ସମୟରେ ଡେରା ବିରୋଧରେ ଗମ୍ଭୀର ଅଭିଯୋଗ ପ୍ରକାଶ କରିଥିଲେ ଏବଂ ପରେ ୨୦୦୨ ମସିହାରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ଘଟଣା ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ପରେ ମାମଲାଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯାଇଥିଲା । ଦୀର୍ଘ ବିଚାର ପରେ, ୨୦୧୯ରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଡେରା ମୁଖ୍ୟ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ସମସ୍ତ ଦୋଷୀ ରାୟକୁ ଚ୍ୟାଲେଞ୍ଜ କରି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଆବେଦନ କରିଥିଲେ । ଶୁଣାଣି ସମୟରେ, ପ୍ରତିରକ୍ଷା ଏବଂ ସିବିଆଇ ଉଭୟ ବିସ୍ତୃତ ଯୁକ୍ତି ଉପସ୍ଥାପନ କରିଥିଲେ । କୋର୍ଟ ରେକର୍ଡ, ସାକ୍ଷୀଙ୍କ ବୟାନ ଏବଂ ପରିସ୍ଥିତିଗତ ତଥ୍ୟ ବିଶ୍ଳେଷଣ କରିଥିଲେ ।

# ମଧ୍ୟପ୍ରାଚ୍ୟରେ ଘମାଘୋଟ ଚାଲିଛି ଯୁଦ୍ଧ, ତାଣ୍ଡବ ଦେଖୁଛି ସାରାବିଶ୍ୱ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ମଧ୍ୟପ୍ରାଚ୍ୟରେ ଭୟାନକ ଯୁଦ୍ଧ ଭିତରେ ଇରାନ୍ ଓ ଆମେରିକାର ଜିଦ୍ ଆରମ୍ଭ କରିଛି ନୂଆ ବିବାଦ । ଆମେରିକାର ନିସର୍ତ୍ତ କ୍ଷମା ଦାବିକୁ ଅବାସ୍ତବ କହି ଚୁଟକିରେ ଉଡାଇ ଦେଇଛି ଇରାନ୍ । ଏପଟେ ଇସ୍ରାଏଲ ଘନଘନ ଆକ୍ରମଣ କରି ତେହେରାନକୁ ଦୋହଲାଇ ଦେଇଛି । ସେପଟେ ଆରବ ଦେଶ ଗୁଡିକ ଇରାନ ଆଗାମୀ ପ୍ରହାରକୁ ସମ୍ଭାଳିବା ପାଇଁ ଆରମ୍ଭ କରିଛନ୍ତି ପ୍ରସ୍ତୁତି । ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବେ ସାରା ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ବୟାନ ଏବେ ବଢାଇଛି ଯୁଦ୍ଧର ଗମ୍ଭୀରତାୟ ମରିବୁ ପଛେ ଆମେରିକା ଆଗରେ ଆତ୍ମସମର୍ପଣ କରିବୁ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ନିଜର ସ୍ୱାଭିମାନ ଆଗରେ ମୃତ୍ୟୁକୁ ସ୍ୱୀକାର କରିବାକୁ ପଣ କରିଛି ଇରାନ । ଦେଶବାସୀଙ୍କୁ ସମ୍ବୋଧନ କରି ଏଭଳି ବାର୍ତ୍ତା ଦେବା ଆମେରିକା ଓ ଇସ୍ରାଏଲର ଚିନ୍ତା ବଢାଇ ଦେଇଛି । ଏଥିସହ ପଡୋଶୀ ଦେଶକୁ ଆକ୍ରମଣ କରିଥିବାରୁ ନିସର୍ତ୍ତ କ୍ଷମା ମାଗିଛନ୍ତି ଇରାନ୍ ରାଷ୍ଟ୍ରପତି । ଏପଟେ ଇରାନ୍ ଆତ୍ମସମର୍ପଣ ନକଲା ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବନି କିମ୍ବା ଯୁଦ୍ଧରେ ପୂର୍ଣ୍ଣଛେଦ ପଡିବ ନାହିଁ ବୋଲି କହିଛନ୍ତି ଟ୍ରମ୍ପ । ଏହାରି ଭିତରେ ଇରାନର ନୌସେନାକୁ ସମ୍ପୂର୍ଣ୍ଣ ଭାବେ ଅକାମୀ କରିବାକୁ ଯୋଜନା କରୁଛନ୍ତି ଟ୍ରମ୍ପ । ବିଭିନ୍ନ ସ୍ଥାନରେ ମୁତୟନ ଥିବା ଇରାନୀ ଜାହାଜକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଇଛି ଆମେରିକା। ଏପଟେ ଇସ୍ରାଏଲ କିନ୍ତୁ ଯୁଦ୍ଧକୁ ବନ୍ଦ କରିବା ଲକ୍ଷ୍ୟରେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ଶୁକ୍ରବାର ରାତିରେ ଇସ୍ରାଏଲର ୮୦ଟି ଯୁଦ୍ଧ ବିମାନ ଇରାନର ରାଜଧାନୀ ତେହରାନରେ ଆକ୍ରମଣ କରିଛନ୍ତି । ବୋମା ଆକ୍ରମଣରେ ତେହେରାନକୁ ଦୋହଲାଇ ଦେଇଛି ଇସ୍ରାଏଲ । ଇରାନର ସୈନ୍ୟ ଠିକଣା ଉପରେ ଶହଶହ ବୋମା ଆକାଶ ମାର୍ଗରୁ ଖସାଇଛି ଆଇଡିଏଫ୍ । ଆମେରିକା ମଧ୍ୟ ଇରାନ ରାଷ୍ଟ୍ରପତିଙ୍କ ଭାଷଣ ପରେ ଆହୁରି ଉଗ୍ର ହୋଇଛି । ଇଂଲଣ୍ଡର ଏକ ଏୟାରବେସରେ ସାଂଘାତିକ ଯୁଦ୍ଧାସ୍ତ୍ର ବି-ୱାନ୍ ଲାନ୍ସର ବୋମାକୁ ସ୍ଥାନାନ୍ତର କରାଯାଇଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ କିର ଷ୍ଟାରମରଙ୍କ ଅନୁମତି ପରେ ଆମେରିକା ଯୁଦ୍ଧ ମଇଦାନକୁ ଆହୁରି ରକ୍ତାକ୍ତ କରିବାକୁ ଆରମ୍ଭ କରିଛି ଉଦ୍ୟମ। ପୂର୍ବରୁ ଆମେରିକାର ରକ୍ଷା ସଚିବ ମଧ୍ୟ ଯୁଦ୍ଧର ପରିଣାମ ନୂଆ ବିପର୍ଯ୍ୟୟ ଆଣିବ ବୋଲି କହିଥିଲେ ।

# ବିଭାଜନ କରିବାକୁ ସରକାରଙ୍କ ଚେଷ୍ଟା, ମୁଁ କରିବି ପର୍ଦ୍ଦାଫାସ୍: ମମତା

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ଏସ୍ଆଇଆର୍ ପରେ ଭୋଟର ତାଲିକାରୁ ଭୋଟରଙ୍କ ନାମ ବାଦ ଦେବାର ଉଦ୍ଦେଶ୍ୟ ହେଉଛି ରାଜ୍ୟକୁ ବିଭାଜନ କରିବା । ପ୍ରତିବାଦ ସ୍ଥଳରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି, ରାଜ୍ୟର ଭୋଟର କରିଛନ୍ତି। ସେ ଏହାର ପର୍ଦ୍ଦାଫାସ୍ କରିବେ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ଶନିବାର ଦିନ ଲଗାତାର ଦ୍ୱିତୀୟ ଦିନ ପାଇଁ ତାଙ୍କର ପ୍ରତିବାଦ ଜାରି ରଖିଛନ୍ତି। ପୂର୍ବରୁ, ସେ ପ୍ରତିବାଦ ସ୍ଥାନରେ ରାତ୍ରିଯାପନ ରହିଥିଲେ । ସେ ପ୍ରତିବାଦ ସ୍ଥଳରେ ଅଭିଯୋଗ କରିଥିଲେ, ନିର୍ବାଚନ କମିସନ ଏବଂ ଏବଂ ପଶ୍ଚିମବଙ୍ଗର ଲୋକମାନଙ୍କୁ ସେମାନଙ୍କ ଭୋଟଦାନ ଅଧିକାରରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି । ନିର୍ବାଚନ କମିସନଙ୍କ ଦ୍ୱାରା ଫେବ୍ରୁଆରି ୨୮ ତାରିଖରେ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଗତ ବର୍ଷ ନଭେମ୍ବରରେ ଏସ୍ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ପ୍ରାୟ ୬୩.୬୬ ଲକ୍ଷ ଲୋକଙ୍କ ନାମ, ଅର୍ଥାତ




ତାଲିକାରୁ ଲୋକଙ୍କ ନାମ ବାଦ ଦେବା ବିରୋଧରେ ପ୍ରତିବାଦ କରୁଥିବା ମମତା ବାନାର୍ଜୀ ବିଜେପି ଉପରେ ବଙ୍ଗଳା ଭାଷାଭାଷୀ ଲୋକଙ୍କୁ ସେମାନଙ୍କ ଭୋଟ ଅଧିକାରରୁ ବଞ୍ଚିତ କରୁଥିବାର ଅଭିଯୋଗ ବିଜେପିର ଉଦ୍ଦେଶ୍ୟ ହେଉଛି ବଙ୍ଗଳାକୁ ବିଭାଜନ କରିବା । ବିଜେପି ବଙ୍ଗଳାକୁ ବିଭାଜନ କରି ଭୋଟ ଚୋରି କରିବାକୁ ଷଡ଼ଯନ୍ତ୍ର କରୁଛି । ବିଜେପି ନେତାମାନେ ଅନ୍ୟ ରାଜ୍ୟରେ ବଙ୍ଗଳା ଭାଷାଭାଷୀ ଲୋକଙ୍କୁ ହଇରାଣ କରୁଛନ୍ତି ପ୍ରାୟ ୮.୩ ପ୍ରତିଶତ ଭୋଟରଙ୍କ ନାମ ବାଦ ଦିଆଯାଇଛି । ଫଳରେ ଭୋଟରଙ୍କ ସଂଖ୍ୟା ପ୍ରାୟ ୭.୬୬ କୋଟିରୁ ହ୍ରାସ ପାଇ ୭.୦୪ କୋଟି ହୋଇଛି । ମମତା ଏହାକୁ ବିରୋଧ କରୁଛନ୍ତ।

# ଇରାନକୁ ଟ୍ରମ୍ପଙ୍କ ଖୋଲା ଚେତାବନୀ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଆମେରିକା ଇରାନ ଉପରେ ଆକ୍ରମଣକୁ ଜୋରଦାର କରିବ । ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଛନ୍ତି କଡ଼ା ଚେତାବନୀ । ନୂଆ ଟାର୍ଗେଟକୁ ହାସଲ କରିବା ପାଇଁ ଆକ୍ରମଣ ବଢାଇବାକୁ ଧମକ ଦେଇଛନ୍ତି । ଟ୍ରମ୍ପ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥରେ ପୋଷ୍ଟ କରିଥିଲେ , ଆଜି ଇରାନ ଉପରେ ବହୁତ ଜୋରଦାର ଆକ୍ରମଣ ହେବ। ସେ ଆହୁରି କହିଛନ୍ତି , ଇରାନର ଖରାପ ବ୍ୟବହାର କାରଣରୁ ସେହି ଅଞ୍ଚଳ ଓ ଲୋକଙ୍କ ଗ୍ରୁପକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିବା ଓ ନିର୍ଦ୍ଦିଷ୍ଟ ମୃତ୍ୟୁ ନେଇ ଗୁରୁତର ସହ ଚିନ୍ତା କରାଯାଉଛି, ଯାହାଙ୍କୁ ଏବେ ସୁଦ୍ଧା ଟାର୍ଗେଟ୍ କରିବା ବିଷୟରେ ଚିନ୍ତା କରାଯାଇ ନଥିଲା । ତାଙ୍କର ଏହି ଟିପ୍ପଣୀ ଇରାନର ପ୍ରେସିଡେଣ୍ଟ ମସୁଦ ପେଜେଶକିୟାନଙ୍କ ଶନିବାର ଏହା କହିବା ପରେ ଆସିଛି ଯେ, ତାଙ୍କ ଦେଶ କେବେ ବି ଇସ୍ରାଏଲ ଆମେରିକା ସାମ୍ନାରେ ସରେଣ୍ଡର କରିବ ନାହିଁ । ପେଜେଶକିୟାନ ସରକାରୀ ଟିଭିରେ ବ୍ରଡକାଷ୍ଟ ଏକ ଭାଷଣରେ , ଇରାନ କରିଥିବା ଆକ୍ରମଣ ପାଇଁ ନିକଟବର୍ତ୍ତୀ ଉପସାଗରୀୟ ଦେଶ ଗୁଡ଼ିକୁ କ୍ଷମା ମାଗି ଥିଲେ ଏବଂ କହିଥିଲେ , ତେହରାନ ତାର ପଡୋଶୀଙ୍କୁ ସେପର୍ଯ୍ୟନ୍ତ ଟାର୍ଗେଟ୍ କରିବ



ନାହିଁ , ଯେପର୍ଯ୍ୟନ୍ତ ଆକ୍ରମଣ ତାଙ୍କ ତରଫରୁ ନହୋଇଛି। ଟ୍ରମ୍ପ ତାଙ୍କର ପୋଷ୍ଟରେ ପେଜେଶକିୟାନଙ୍କ କ୍ଷମାକୁ ଉଲ୍ଲେଖ କରି କହିଛନ୍ତି , ଇରାନ କ୍ଷମା ମାଗିଛି ଏବଂ ନିଜକୁ ମିଡିଲ ଇଷ୍ଟ ପଡୋଶୀଙ୍କ ପାଖରେ ସରେଣ୍ଡର କରିଦେଇଛି, ଏବଂ ପ୍ରତିଶ୍ରୁତି ଦେଇଛି ଏବେ ସେମାନଙ୍କ ଉପରେ ଆକ୍ରମଣ କରିବ ନାହିଁ । ଟ୍ରମ୍ପ ଲେଖିଛନ୍ତି , ଏହି ପ୍ରତିଶ୍ରୁତି କେବଳ ଆମେରିକା ଓ ଇସ୍ରାଏଲର ବାରମ୍ବାର ଆକ୍ରମଣର କାରଣରୁ କରାଯାଇ ଥିଲା । ସେ ଏହା ମଧ୍ୟ କହିଛନ୍ତି ଯେ, ଇରାନ ଏବେ ମିଡିଲ ଇଷ୍ଟର ବୁଲି ହୋଇ ରହି ନାହିଁ , ବରଂ ସେ ମିଡିଲ ଇଷ୍ଟର ଲୁଜର ଏବଂ ଅନେକ ଦଶନ୍ଧି ଯାଏ ଏମିତି ହିଁ ରହିବେ, ଯେପର୍ଯ୍ୟନ୍ତ ସେ ସରେଣ୍ଡର ନକରିଛନ୍ତି ।

# ରୁଷୀୟ ତୈଳ କ୍ରୟ ପାଇଁ କାହାର ଅନୁମତି ଦରକାର ନାହିଁ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଭାରତକୁ ରୁଷ୍ ଠାରୁ ତୈଳ ଆମଦାନୀ କରିବାକୁ ମୁକ୍ତ କରିଥିବା ଆମେରିକାର ଦାବି ଉପରେ ଭାରତ କଡ଼ା ଜବାବ ଦେଇଛି । ଶନିବାର ଭାରତ ସରକାର ସ୍ପଷ୍ଟ କହିଛନ୍ତି , ରୁଷୀୟ ତୈଳ କ୍ରୟ ପାଇଁ କାହାର ଅନୁମତିର ଆବଶ୍ୟକ ନାହିଁ। ଭାରତ କହିଛି ଯେ,ସେ ରୁଷ୍ ଠାରୁ ତୈଳର ଆମଦାନୀ ଜାରି ରଖିବ । ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିଶ୍ୱର ଏନର୍ଜି ସେକ୍ଟରକୁ ଓଲଟ ପାଲଟ କରି ଦେଇଛି । ଏଥିରେ ସାରା ବିଶ୍ୱରେ ତୈଳର ଦରରେ ବୃଦ୍ଧି ହୋଇଛି । ଇରାନର ଷ୍ଟ୍ରେଟ୍ ଅଫ୍ ହୋର୍ମୁଜରୁ ଜାହାଜ ଗୁଡ଼ିକୁ ରୋକିବାର ଧମକ ପରେ ଅଶୋଧିତ ତୈଳର ପ୍ରଭାବ ପଡ଼ିଛି । ଭାରତ ସରକାରଙ୍କ ପ୍ରେସ୍ ଇନଫର୍ମେସନ ବ୍ୟୁରୋ ଏକ ବିବୃତ୍ତିରେ କହିଛି - ନୂଆ ଦିଲ୍ଲୀ ଏମିତି କ୍ରୟ ପାଇଁ ସର୍ଟ-ଟର୍ମ ଉପରେ ନିର୍ଭରଶୀଳ ନୁହେଁ । ବିବୃତ୍ତିରେ କୁହାଯାଇଛି , ଭାରତ ରୁଷୀୟ ତୈଳ କ୍ରୟ ପାଇଁ କେବେ ବି କୌଣସି ଦେଶର ଅନୁମତି ଉପରେ ନିର୍ଭର କରେ ନାହିଁ। ବ

# ଇରାନ ଜାହାଜକୁ ନେଇ ମୁହଁ ଖୋଲିଲେ ଜୟଶଙ୍କର

**ନୂଆଦିଲ୍ଲୀ,୭।୩(ଏଜେନ୍ସି):**ଇରାନର ଯୁଦ୍ଧଜାହାଜ ଆଇଆର୍ଆଇଏସ୍ ଡେନା ବୁଡ଼ିବା ଏବଂ ଭାରତ ଆଇଆର୍ଆଇଏସ୍ ଲାଭନର ଡକିଂକୁ ଅନୁମତି ଦେବା ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଶନିବାର ତାଙ୍କର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି । ଜୟଶଙ୍କର କହିଛନ୍ତି ଯେ, ସମୁଦ୍ର ଆଇନ ଉପରେ ମିଳିତ ଜାତିସଂଘ ସମ୍ମିଳନୀ (ୟୁଏନ୍ସିଏଲ୍ଓଏସ୍) ଏବଂ ଅନ୍ତର୍ଜାତୀୟ ଆଇନକୁ ସେ ସମର୍ଥନ କରନ୍ତି । ଏହାସହିତ ମାନବିକତା ଦୃଷ୍ଟିକୋଣରୁ ଆଇଆର୍ଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା । 'ରାଏସିନା ଡାୟଲଗ୍ ୨୦୨୬'ର ତୃତୀୟ ଦିନ ଜୟଶଙ୍କର ଏହି ପ୍ରତିକ୍ରିୟା ରଖିଛନ୍ତି । ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ଏହାର ପ୍ରଭାବ ସାରା ବିଶ୍ୱରେ ପଡ଼ିଛି । ଆମେରିକା ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନର ଯୁଦ୍ଧଜାହାଜ ଆଇଆର୍ଆଇଏସ୍ ଡେନାକୁ ଆକ୍ରମଣ କରି ପୂରାପୂରି ନଷ୍ଟ କରିଦେଇଥିଲା । ଏଥିରେ ୮୭ ଇରାନ ନାବିକଙ୍କ ମୃତ୍ୟୁ ହୋଇଥିଲା । ସେବେଠାରୁ ଭାରତ ମହାସାଗରରେ ସୁରକ୍ଷାକୁ ନେଇ ଗମ୍ଭୀର ସଙ୍କଟ ଉତ୍ପନ୍ନ କରିଛି । ପଶ୍ଚିମ ଏସିଆରେ ଉତ୍ତେଜନା ପ୍ରକାଶ ପାଇବା ସମୟରେ ଭାରତ ମହାସାଗରରେ ଆଇଆର୍ଆଇଏସ୍ ଡେନାକୁ ମିଶାଇ ୩ଟି ଇରାନ ଯୁଦ୍ଧଜାହାଜ ରହିଥିଲା । ଏଥିରୁ ଗୋଟିଏ ଜାହାଜ ଆଇଆର୍ଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା ଅନ୍ୟଟି ଶ୍ରୀଲଙ୍କା ପହଞ୍ଚି ଯାଇଥିଲା । ଇଣ୍ଟରନାସନାଲ ଫ୍ଲିଟ୍ ରିଭ୍ୟୁରେ ଆଇଆରଆଇଏସ୍ ଲାଭାନ ଅଂଶଗ୍ରହଣ କରି ଫେରିବା ସମୟରେ ଏଥିରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା । ଆଇଆରଆଇଏସ୍ ଡେନା ବୁଡ଼ିବା ପୂର୍ବରୁ ଇରାନ ଫେବ୍ରୁଆରି ୨୮ରେ ଆଇଆରଆଇଏସ୍ ଲାଭନକୁ ଭାରତର ବନ୍ଦର ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲା । ଭାରତ ମାର୍ଚ୍ଚ ୧ ତାରିଖରେ ଏଥିପାଇଁ ଅନୁମତି ଦେଇଥିଲା । ଏଥିରେ ୧୮୩ ଜଣ ନାବିକ ଥିବାବେଳେ ଅଧିକାଂଶ ଯୁବ କ୍ୟାଡେଟ ଥିଲେ ବୋଲି ଜୟଶଙ୍କର କହିଛନ୍ତି । ମାନବିକତା ଦୃଷ୍ଟିକୋଣରୁ ଭାରତ ଏଥିପାଇଁ ଅନୁମତି ଦେଇଥିଲା ବୋଲି ଜୟଶଙ୍କର କହିଛନ୍ତି ।

# ମାନେକଶା କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୭।୩(ପିଆଇବି): ଆସନ୍ତାକାଲି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଭାରତ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଆୟୋଜନ କରାଯାଉଛି। ମାନେକଶା କେନ୍ଦ୍ରଠାରେ ଆୟୋଜନ ହେବାକୁ ଥିବା ଏହି ଜାତୀୟ ସ୍ତରୀୟ ସମାରୋହକୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସାବିତ୍ରୀ ଠାକୁରଙ୍କ ଗରିମାମୟ ଉପସ୍ଥିତିରେ ଅନୁଷ୍ଠିତ ହେବ।

ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଉଥିବା ଅନ୍ତର୍ଜାତୀୟ ମହିଳା ଦିବସ, ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ସଫଳତା ଏବଂ ଅବଦାନକୁ ସମ୍ମାନ ଜଣାଏ ଏବଂ ଲିଙ୍ଗଗତ ସମାନତା, ସୁରକ୍ଷା, ମର୍ଯ୍ୟାଦା ତଥା ମହିଳା ସଶକ୍ତିକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ଦୋହରାଇଥାଏ।

ଆସନ୍ତା କାଲି କାର୍ଯ୍ୟକ୍ରମଟି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଶ୍ରୀ ଅନିଲ ମଲ୍ଲିକଙ୍କ ସ୍ୱାଗତ ଭାଷଣରୁ ଆରମ୍ଭ ହେବ,



ଯାହା ପରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ କାର୍ଯ୍ୟବଳ ଅଂଶଗ୍ରହଣ ବୃଦ୍ଧି ଏବଂ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ପ୍ରମୁଖ ସରକାରୀ ନୀତି ଓ ଯୋଜନାଗୁଡ଼ିକୁ ପ୍ରଦର୍ଶିତ କରୁଥିବା ଏକ ଦୃଶ୍ୟ-ଶ୍ରାବ୍ୟ ବିବରଣୀ ଉପସ୍ଥାପନା କରାଯିବ। ଏହି ଅବସରରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଭିଭାଷଣ ପ୍ରଦାନ କରିବେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ମଧ୍ୟ ସମାବେଶକୁ ସମ୍ବୋଧିତ କରିବେ ଏବଂ ଦେଶରେ ମହିଳାଙ୍କ ନେତୃତ୍ୱରେ ବିକାଶକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବେ।

ଉଦ୍ ?ଘାଟନୀ ସମାରୋହ ପରେ ଦୁଇଟି ପ୍ୟାନେଲରେ ଆଲୋଚନା ଜାରି ରହିବ। ପ୍ରଥମ ପ୍ୟାନେଲ୍ ଆଲୋଚନା "ଶ୍ରମ ସଂହିତା - ମହିଳାଙ୍କ ସଶକ୍ତିକରଣ ବୃଦ୍ଧି" ଉପରେ କେନ୍ଦ୍ରିତ ରହିବ, ଏବଂ ଦ୍ୱିତୀୟ ପ୍ୟାନେଲ୍ "ଉଦ୍ୟୋଗୀ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା" ବିଷୟରେ ଆଲୋଚନା କରିବ।

ଏହି କାର୍ଯ୍ୟକ୍ରମରେ ସଶସ୍ତ୍ର ବାହିନୀ, ପୋଲିସ, ଗଣମାଧ୍ୟମ, ସ୍ୱାସ୍ଥ୍ୟସେବା, କ୍ରୀଡ଼ା ଏବଂ ଅନ୍ୟାନ୍ୟ କ୍ଷେତ୍ରର ପ୍ରତିନିଧିଙ୍କ ସମେତ ୧୫୦ରୁ ଅଧିକ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନରୁ ପ୍ରାୟ ୧,୦୦୦ ମହିଳା ଯୋଗଦେବେ ବୋଲି ଆଶା କରାଯାଉଛି, ଯାହା ଦେଶର ବିବିଧ କ୍ଷେତ୍ରରେ ମହିଳାଙ୍କ ଅବଦାନ ଏବଂ ମହିଳାଙ୍କ ନେତୃତ୍ୱରେ ବିକାଶକୁ ଆଗକୁ ନେବା ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି।

# 'ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୭।୩(ନି,.ପ୍ର.) ଆଜି ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ରନ୍ଧନ ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନିପତୀଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକ ଠାରେ ଏକ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ଏହି ବିକ୍ଷୋଭରେ ଗ୍ୟାସ ଟାଙ୍କି ମୁଣ୍ଡେଇ ମହିଳା କଂଗ୍ରେସ ନେତୃବୃନ୍ଦ ରାଲି କରିଥିଲେ ଏବଂ ମାଷ୍ଟର କ୍ୟାଓକ୍ଷର୍ପ୍;ନ ଛକରେ ଚୁଲିରେ କାଠ ଜାଳି ରୋଷେଇ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦିପ୍ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି କହିଥିଲେ ଯେ ମୋଦୀ ସରକାର ସିଲିଣ୍ଡର (୧୪.୨ କିଲୋ) ପିଛା ୬୦ ଟଙ୍କା ଦର ବୃଦ୍ଧି କରିଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟିକ ସିଲିଣ୍ଡର (୧୯ କିଲୋ) ୧୧୫ ଟଙ୍କା ବୃଦ୍ଧି ପାଇଛି। ଗତ ୧୧ ମାସ ତଳେ ଅପ୍ରିଲ ୮ ତାରିଖରେ ମୋଦୀ ସରକାର ଘରୋଇ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଥିଲେ। ସାଧାରଣ ଜନତାଙ୍କର ଗଳାରେ ଖୋଜ ପକାଇଛନ୍ତି। ସାଧାରଣ

ଜନତାଙ୍କୁ କିଭଳି ଶୋଷଣ କରାଯିବ ତା'ର କାରସାଦି ମୋଦୀ ସରକାରଙ୍କୁ ଜଣା। ଅନ୍ୟପକ୍ଷରେ ୨୦୧୪ ମସିହା ପୂର୍ବରୁ ମନମୋହନ ସିଂ ସରକାରଙ୍କ ସମୟରେ ଘରୋଇ ସିଲିଣ୍ଡର ପିଛା ୪୧୦ ଟଙ୍କା ଥିବାବେଳେ ଏବେ ଏହା ୧୦୦୦ ଟଙ୍କାକୁ ପହଂଚିଲାଣି। ମୋଦୀଙ୍କର ଆଚ୍ଛାଦିନର ସ୍ୱପ୍ନର ବାସ୍ତବତା କିଭଳି ବିକୃତ ତାକୁ ଆଜି ଦେଶର ସାଧାରଣ ଜନତା ଅନୁଭବ କରୁଛନ୍ତି। ଏହି ମହଙ୍ଗାମାଡ ସିଧାସଳଖ ହାଣ୍ଡିଶାଳରେ ପଡିଛି। ଏଣୁ ହାଣ୍ଡିଶାଳରୁ ବିପ୍ଳବର ସ୍ୱର ପ୍ରକଟିତ ହେବାର ସମୟ ଆସିଛି। ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦିପ ସିଂ ପୁରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଅବିଶ୍ୱକଲ୍ୟାଣୀ କର, ସୁନିତା ବିଶ୍ୱାଳ, କୁସୁମ ପ୍ରଧାନ, ଗୀତାଞ୍ଜଳି ମହାନ୍ତି, ଶ୍ରୀୟାସ୍ମିତା ପଣ୍ଡା, ବାସନ୍ତି ସାମଲ, ଅମିସା ସାମନ୍ତରାୟ, ଜୟସ୍ମିତା ମହାନ୍ତି, ଚୈତାଳି ପଟ୍ଟନାୟକ, ମଞ୍ଜୁ ମିଶ୍ର, କଳ୍ପନା ପଣ୍ଡା, ଉର୍ବଶ୍ରୀ ମିଶ୍ର, ଗୀତାଞ୍ଜଳି ନାୟକ, ମାମିନା ବେହେରା, ମାଳତୀ ନାୟକ, ଜୟଶ୍ରୀ ପାତ୍ର ଓ କଳ୍ପନା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପୂର୍ବ ତଟ ରେଳପଥ ଓ ଇକୋର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

ଭୁବନେଶ୍ୱର,୭।୩:ପୂର୍ବ ତଟ ରେଳପଥ, ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସହିତ ମିଳିତ ସହଯୋଗରେ ଭୁବନେଶ୍ୱର ସ୍ଥିତ ରେଳ ଅଡିଟୋରିୟମ୍ ? ଠାରେ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳନ କରିଛି। ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କର ଅବଦାନକୁ ସମ୍ମାନିତ କରାଯାଇଛି ।ଏହି ଅବସରରେ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇକୋର ମହିଳା କଲ୍ୟାଣ ସଂଗଠନ ସଭାପତି ,ଶ୍ରୀମତୀ କବିତା ଫୁଙ୍କୱାଲ୍ ମହିଳା ରେଳ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ସେମାନଙ୍କର ଅନ୍ତର୍ନିହିତ ଶକ୍ତି ଓ କ୍ଷମତାକୁ ଚିହ୍ନଟ କରିବା ସହିତ , ଆତ୍ମବିଶ୍ୱାସ ଓ ଦୃଢ ସଂକଳ୍ପ ସହିତ କାମ କରିବାକୁ ଏବଂ ସମର୍ପଣ ଭାବ ଓ ସଫଳତା ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରେରଣା ଦେଇ ସଂଗଠନର ବିକାଶ ଓ ପ୍ରଗତିରେ ଯୋଗଦାନ ଜାରି ରଖିବାକୁ ଉତ୍ସାହିତ କରିଥିଲେ ।




ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ କାନ୍ତା ମହାନ୍ତି, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ଖୋର୍ଦ୍ଧା ଜିଲ୍ଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷା ଏବଂ ଚଡଝଐ ପ୍ରଶିକ୍ଷିକା ଯୋଗଦେଇଥିଲେ ।ଏହି ଅବସରରେ , ମୋଟ ୩୧ ଜଣ ମହିଳା ରେଳ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୫ ଜଣ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ୧୬ ଜଣ ମହିଳା କର୍ମଚାରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।ଜୋନର ସମସ୍ତ ମଣ୍ଡଳ ମୁଖ୍ୟାଳୟରେ ମଧ୍ୟ ଏହି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା ।ପୂର୍ବତଟ ରେଳପଥର ମୁଖ୍ୟ କାର୍ମିକ ଅଧିକାରୀ(ଔଦ୍ୟୋଗିକ ସମ୍ପର୍କ) ଶ୍ରୀ ଅଞ୍ଜନ ରାୟ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରି ରେଳପଥରେ ମହିଳା କର୍ମଚାରୀମାନଙ୍କ ବହୁମୂଲ୍ୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଥିଲେ ।

ମହିଳା ରେଳ କର୍ମଚାରୀଙ୍କ ଦ୍ୱାରା ଉପସ୍ଥାପିତ ଏକ ସ୍ପନ୍ଦନଶୀଳ ସାଂସ୍କୃତିକ ପ୍ରଦର୍ଶନ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା, ଯାହା ରେଳବାଇରେ ମହିଳାମାନଙ୍କ ଉତ୍ସାହ, ଶକ୍ତି ଏବଂ ସଫଳତାର ଏହି ଉତ୍ସବକୁ ଏକ ଉତ୍ସବମୁଖୀ ଏବଂ ପ୍ରେରଣାଦାୟକ ସ୍ପର୍ଶ ଦେଇଥିଲା।ପୂର୍ବ ତଟ ରେଳପଥ ଓ ଇକୋର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ।

# କୃଷି ଓ ଗ୍ରାମୀଣ ରୂପାନ୍ତରଣ ଉପରେବଜେଟରେ ବିଶେଷ ଗୁରୁତ୍ୱ ଦିଆଯାଇଛି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୭।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'କୃଷି ଏବଂ ଗ୍ରାମୀଣ ରୂପାନ୍ତରଣ' ବିଷୟ ଉପରେ ପର୍ଯ୍ୟବେଶିତ ତୃତୀୟ ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିଥିଲେ। ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥନୈତିକ ବିକାଶ ଉପରେ ପର୍ଯ୍ୟବେଶିତ ପୂର୍ବ ଅଧିବେଶନଗୁଡ଼ିକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବଜେଟ୍ ଗଠନ ସମୟରେ ଅଂଶୀଦାରମାନେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଏବେ, ବଜେଟ୍ ପରେ, ଦେଶ ଏହାର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିବା ବି ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, ଏବଂ ସେଥିପାଇଁ ଆପଣମାନଙ୍କ ପରାମର୍ଶ ବେଶ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି କାରଣରୁ ଏହି ୱେବିନାରଟି ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ ।

ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ କୃଷି ହେଉଛି ଭାରତୀୟ ଅର୍ଥନୀତିର ମୁଖ୍ୟ ଆଧାର ଏବଂ ଦେଶର ଦୀର୍ଘକାଳୀନ ବିକାଶ ଯାତ୍ରା ପାଇଁ ଏକ ରଣନୈତିକ ସ୍ତମ୍ଭ। ଶ୍ରୀ ମୋଦୀ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' ଏବଂ 'ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)' ସଂସ୍କାର ଭଳି ଅନେକ କାର୍ଯ୍ୟକ୍ରମ ବିଷୟରେ କହିଥିଲେ ଯାହା ଚାଷୀମାନଙ୍କୁ ୧.୫ ଗୁଣ ଲାଭ ପ୍ରଦାନ କରେ। 'ଆମ ସରକାର ନିରନ୍ତର କୃଷି କ୍ଷେତ୍ରକୁ ମଜବୁତ କରିଛି', ଶ୍ରୀ ମୋଦୀ ମନ୍ତବ୍ୟ ଦେଇଥିଲେ।

ପ୍ରଧାନମନ୍ତ୍ରୀ ପୂର୍ବରୁ ଥିବା ଯୋଜନାଗୁଡ଼ିକର ସଫଳତା ସମ୍ପର୍କରେ ତଥ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଅଧିନରେ ୧୦ କୋଟି ଚାଷୀ ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ପାଇଛନ୍ତି ଏବଂ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' ଅଧୀନରେ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ବୀମା ଦାବି ସମାଧାନ କରାଯାଇଛି। ଶ୍ରୀ ମୋଦୀ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସଂସ୍ଥାଗତ ଋଣ କଭରେଜ୍ ୭୫% ଅତିକ୍ରମ କରିଛି। 'ଏପରି ଅନେକ ପ୍ରୟାସ ଚାଷୀଙ୍କ ପାଇଁ ବିପଦ ହ୍ରାସ କରିଛି ଏବଂ ସେମାନଙ୍କୁ ମୌଳିକ ଆର୍ଥିକ ସୁରକ୍ଷା ପ୍ରଦାନ କରିଛି'' ସେ କହିଥିଲେ।

ଖାଦ୍ୟଶସ୍ୟ ଏବଂ ଡାଲିର ରେକର୍ଡ ଉତ୍ପାଦନ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ତ୍ରୈମାସିକ ଆରମ୍ଭ ସହିତ ଏହି କ୍ଷେତ୍ରକୁ ନୂତନ ଶକ୍ତି ପ୍ରଦାନ କରିବାକୁ ଆହ୍ୱାନ କରିଥିଲେ। ଚଳିତ ବର୍ଷର କେନ୍ଦ୍ର ବଜେଟରେ ଏହି ଦିଗରେ ନୂତନ ପ୍ରୟାସ କରାଯାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ବିଶ୍ୱାସ ପ୍ରକାଶ କରିଥିଲେ ଯେ ୱେବିନାରର ବିଚାର ବିମର୍ଶ ବଜେଟ ବ୍ୟବସ୍ଥାର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବ। ସେ କହିଥିଲେ 'ମୁଁ ନିଶ୍ଚିତ ଯେ ଏହି ୱେବିନାରରେ ଆପଣଙ୍କ ମଧ୍ୟରେ ଆଲୋଚନା ଏବଂ ଏଥିରୁ ବାହାରିଥିବା ପରାମର୍ଶଗୁଡ଼ିକ ଯଥାଶୀଘ୍ର ଭୂମିରେ ବଜେଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ'।

ବଦଳୁଥିବା ବୈଶ୍ୱିକ ଚାହିଦା କଥା ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଭାରତୀୟ କୃଷିକୁ ରପ୍ତାନି ଭିତ୍ତିକ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱଆରୋପ କରିଥିଲେ। ଉତ୍ପାଦକତା ଓ ରପ୍ତାନି ସାମର୍ଥ୍ୟ ବୃଦ୍ଧି ଲାଗି ଭାରତର ବିବିଧ ଜଳବାୟୁର ପୂର୍ଣ୍ଣ ଉପଯୋଗ କରିବାକୁ ସେ ନିବେଦନ କରିଥିଲେ। ଏହି ଓ୍ୱେବିନାର୍ ?ରେ ଆମ କୃଷିକୁ ରପ୍ତାନି-ଭିତ୍ତିକ କରିବା ଉପରେ ସର୍ବାଧିକ ଆଲୋଚନା କରିବା ଜରୁରୀ ବୋଲି ଶ୍ରୀ ମୋଦୀ ମତ ଦେଇଥିଲେ।

ଉଚ୍ଚ ମୂଲ୍ୟଯୁକ୍ତ ଚାଷ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କୋକୋ, କାଜୁ ଏବଂ ଚନ୍ଦନକାଠ ଭଳି ଫସଲର କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ଲାଗି ଘୋଷିତ ବଜେଟ୍ ପ୍ରସ୍ତାବଗୁଡ଼ିକ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶ୍ରୀ ମୋଦୀ ଉତ୍ତର-ପୂର୍ବରେ ଅଗରକାଠ ଏବଂ ହିମାଳୟ ରାଜ୍ୟଗୁଡ଼ିକରେ ସମଶୀତୋଷ୍ଣ ବାଦାମ ଫସଲର ପ୍ରୋତ୍ସାହନ ପାଇଁ ବଜେଟ୍ ପ୍ରସ୍ତାବ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ରପ୍ତାନି-ମୁଖୀ ଉତ୍ପାଦନ ପ୍ରକ୍ରିୟାକରଣ ଏବଂ ମୂଲ୍ୟସଂଯୁକ୍ତି ମାଧ୍ୟମରେ ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରାଯାଇପାରିବ। ସେ ବିଶେଷ ଭାବରେ କହିଥିଲେ, 'ଯଦି ଆମେ ମିଳିତ ଭାବରେ ଉଚ୍ଚ ମୂଲ୍ୟଯୁକ୍ତ କୃଷିର ବିସ୍ତାର କରିବା, ତେବେ ଏହା ଆମ କୃଷିକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ଷେତ୍ରରେ ପରିଣତ କରିବ'।

ପ୍ରଧାନମନ୍ତ୍ରୀ ବିଶ୍ୱସ୍ତରୀୟ ବ୍ରାଣ୍ଡିଂ ଏବଂ ଗୁଣାତ୍ମକ ମାନଦଣ୍ଡ ପୂରଣ କରିବା ପାଇଁ ବିଶେଷଜ୍ଞ, ଶିଳ୍ପ ଏବଂ କୃଷକମାନଙ୍କୁ ସାମିଲ କରି ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ସେ ସ୍ଥାନୀୟ ଚାଷୀମାନଙ୍କୁ ବିଶ୍ୱ ବଜାର ସହିତ ସଂଯୋଗ କରିବା ପାଇଁ ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କହିଥିଲେ ଯେ ଏହି ସମସ୍ତ ବିଷୟ ଉପରେ ଆଲୋଚନା ଏହି ୱେବିନାରର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିବ।

ମତ୍ସ୍ୟଚାଷ କ୍ଷେତ୍ରକୁ ନେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ। ଆମର ବିଭିନ୍ନ ଜଳଭଣ୍ଡାର ଏବଂ ହ୍ରଦଗୁଡ଼ିକ ବର୍ତ୍ତମାନ ପ୍ରାୟ ୪.୫ ଲକ୍ଷ ଟନ୍ ମାଛ ଉତ୍ପାଦନ କରୁଥିବା ବେଳେ, ଦେଶରେ ଆହୁରି ୨୦ ଲକ୍ଷ ଟନ୍ ମତ୍ସ୍ୟ ଉତ୍ପାଦନର ସମ୍ଭାବନା ରହିଛି। ମତ୍ସ୍ୟଚାଷ ରପ୍ତାନି ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ହୋଇପାରିବ ବୋଲି ସେ କହିଥିଲେ। ଦେଶର ନୀଳ ଅର୍ଥନୀତିର ସମ୍ଭାବନାକୁ ସାକାର କରିବା ପାଇଁ ମତ୍ସ୍ୟଚାଷ, ଖାଦ୍ୟ ଏବଂ ଲଜିଷ୍ଟିକ୍ସରେ ନୂତନ ବ୍ୟବସାୟ ମଡେଲର ଆବଶ୍ୟକତା ପ୍ରତି ପ୍ରଧାନମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ମତ୍ସ୍ୟ ବିଭାଗ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଦୃଢ଼ ସମନ୍ୱୟ ଲାଗି ପ୍ରୋତ୍ସାହିତ କରିଥିଲେ। 'ଗ୍ରାମୀଣ ସମୃଦ୍ଧି ପାଇଁ ଏହା ଏକ ଉଚ୍ଚ ମୂଲ୍ୟ, ଉଚ୍ଚ ପ୍ରଭାବ କ୍ଷେତ୍ର ହୋଇପାରେ, ଏବଂ ଆପଣମାନେ ଏହା ବିଷୟରେ ଏକାଠି ଚିନ୍ତା କରିବା ଉଚିତ,' ଶ୍ରୀ ମୋଦୀ କହିଥିଲେ।

# ସିବିସି ଓ ପିଆଇବି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୭।୩(ନି.ପ୍ର.): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଜି 'ଅନ୍ତର୍ଜାତୀୟ ମହିଳା ଦିବସ' ଉପଲକ୍ଷେ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଡିଜିଟାଲ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟକୁ ଦୂରକରିବା' ବିଷୟ ଉପରେ ଏଠାରେ ଆଲୋଚନା ହୋଇଥିଲା।

ଏହି କାର୍ଯ୍ୟକ୍ରମ ପିଆଇବି ଏବଂ ସିବିସି (ଓଡ଼ିଶା ଓ ଝାଡ଼ଖଣ୍ଡ ଅଞ୍ଚଳ)ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଆୟକର ବିଭାଗର ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ଆୟୁକ୍ତ ଶ୍ରୀମତୀ ପରମିତା ଶତପଥୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେବି କଲେଜର ସମାଜଶାସ୍ତ୍ର ବିଭାଗର ପ୍ରାଧ୍ୟାପିକା ଡକ୍ଟର ବିଭାବରୀ ବଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ଗୌରବ ବଢ଼ାଇଥିଲେ। ଏଥି ସହ ସୋଆ ବିଶ୍ୱ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ।

ସଭାକୁ ସମ୍ବୋଧିତ କରି ଶ୍ରୀ ମିଶ୍ର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଭାରତୀୟ ଦର୍ଶନ ମାଧ୍ୟମରେ "ଡିଜିଟାଲ୍ ଲିଙ୍ଗଗତ ବ୍ୟବଧାନ"ର ପୁନର୍ବ୍ୟାଖ୍ୟା କରିଥିଲେ। ରାମାୟଣ ଏବଂ ମହାଭାରତର ବିଭିନ୍ନ ପ୍ରସଙ୍ଗକୁ ଭିତ୍ତି କରି ସେ କହିଥିଲେ ଯେ, ମହିଳାମାନଙ୍କର ପସନ୍ଦ, ମର୍ଯ୍ୟାଦା ଏବଂ ଶକ୍ତି ଭାରତର ସାଂସ୍କୃତିକ ଚେତନାରେ ବହୁ ପୂର୍ବରୁ ସ୍ଥାନ ପାଇଛି। ସଶକ୍ତିକରଣ କେବଳ ପ୍ରଯୁକ୍ତିବିଦ୍ୟା ପହଞ୍ଚିବା ମଧ୍ୟରେ ସୀମିତ ନୁହେଁ, ବରଂ ଏଥିରେ ମହିଳାମାନଙ୍କର ସମାଜରେ ସକ୍ରିୟ ଅଂଶଗ୍ରହଣ ପାଇଁ ସ୍ୱାଧୀନତା ଓ ସୁଯୋଗ ଅନ୍ତର୍ଭୁକ୍ତ ହେବା ଉଚିତ। ପ୍ରତିଯୋଗିତା ଅପେକ୍ଷା ସହଭାଗିତା ଉପରେ ଗୁରୁତ୍ୱ ଦେଇ ସେ କହିଥିଲେ ଯେ, ଏକ ସନ୍ତୁଳିତ ଏବଂ ଅନ୍ତର୍ଭୁକ୍ତିକରଣ ସମାଜ ଗଠନ ପାଇଁ ପୁରୁଷ ଓ ମହିଳା ଏକାଠି ଆଗକୁ ବଢ଼ିବା ଏବଂ ପରସ୍ପରକୁ ସମର୍ଥନ କରିବା ଆବଶ୍ୟକ।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ପରମିତା ଶତପଥୀ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଉଲ୍ଲେଖନୀୟ ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଆଜିର ମହିଳାମାନେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରି ନିଜର ପରିସରକୁ ବ୍ୟାପକ କରିବାରେ ସଫଳ ହୋଇଛନ୍ତି। ବ୍ୟକ୍ତିଗତ ସଫଳତା ପ୍ରେରଣାଦାୟକ ହୋଇଥିଲେ ମଧ୍ୟ ସମାଜର ସମସ୍ତ ମହିଳାଙ୍କ ସାମୂହିକ ସଶକ୍ତିକରଣ ଆମର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ସେ କହିଥିଲେ ଯେ କେବଳ ବୃତ୍ତିଗତ ସଫଳତା ନୁହେଁ, ବରଂ ଆତ୍ମବିଶ୍ୱାସ, ନିଷ୍ଠା ଓ ଏକ ଦୃଢ଼ ଉଦ୍ଦେଶ୍ୟ ରଖି ସମାଜ ପାଇଁ ଅର୍ଥପୂର୍ଣ୍ଣ ଅବଦାନ ରଖିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ନିଜ ଅଭିଭାଷଣରେ ଡକ୍ଟର ବିଭାବରୀ ବଳ କହିଥିଲେ ଯେ, ଡିଜିଟାଲ୍ ଲିଙ୍ଗଗତ ବ୍ୟବଧାନ ସାମାଜିକ ଏବଂ ଗଠନମୂଳକ ଅସମାନତା ମଧ୍ୟରେ ନିହିତ, ଯାହା ମହିଳାମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ସୀମିତ କରିଥାଏ। ସେ ଜୋର୍ ଦେଇ କହିଥିଲେ ଯେ, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଆଜିର ଡିଜିଟାଲ୍ ସମାଜରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଡିଜିଟାଲ୍ ସାକ୍ଷରତା ଏବଂ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ।ଏହି ଆଲୋଚନା ଚକ୍ରର ଅଂଶବିଶେଷ ସ୍ୱରୂପ, ଗଣମାଧ୍ୟମରେ କାର୍ଯ୍ୟରତ ପ୍ରତିଷ୍ଠିତ ମହିଳା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ଉପସ୍ଥିତ ଛାତ୍ରୀମାନଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ସିବିସିର କଳାକାରମାନଙ୍କ ଦ୍ୱାରା ବିଷୟଭିତ୍ତିକ ନାଟକ ପରିବେଷଣ କରାଯାଇଥିଲା।ପରିଶେଷରେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସିବିସିର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ଶ୍ରୀମତୀ ସସ୍ମିତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ବନ୍ଦରାଧକ୍ଷ ପି.ଏଲ.ହରନାଦ ଙ୍କ ଦ୍ୱାରା 'ସାଇ ନିର୍ମଳ ଝର' ପ୍ରକଳ୍ପ ଉଦଘାଟିତ



ପାରାଦୀପ - ଶ୍ରୀ ସତ୍ୟସାଇ ଜଗତସିଂହପୁର ଜିଲ୍ଲା ସେବା ସଂଗଠନ ସୌଜନ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲା, ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଯଦୁପୁର ଗ୍ରାମରେ ଶନିବାର ସକାଳ ୧୦.୩୦ ମିନିଟ ସମୟରେ ପାରାଦ୍ୱୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ. ହରନାଦ ଙ୍କ କରକମଳରେ ସାଇ ନିର୍ମଳ ଝର ପ୍ରକଳ୍ପ ଉଦଘାଟିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ବନ୍ଦର ସିଏସ୍ଆ ।ର ମାଧ୍ୟମରେ ହୋଇଥିଲାୟ ଏହି ପ୍ରକଳ୍ପ ପାରାଦ୍ୱୀପ ବନ୍ଦରର କ୍ଷଷ୍ଠ ଓ ଓଡ଼ିଶାର ୪୮ ତମ ପ୍ରକଳ୍ପ କ୍ଷ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଅ ।ବାହକ, ବରିଷ୍ଠ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ସାଇ ସଂଗଠନର ସଭାପତି, ଜିଲ୍ଲା କର୍ମକ ର୍ତ୍ତା, ପାରାଦ୍ୱୀପ, ଯଦୁପୁର ଗ୍ରାମର ଭାଇଭଉଣୀ ଯୋଗଦାନ କରିଥିଲେୟ ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନଙ୍କୁ ଗ୍ରାମର ସଙ୍କୀ ର୍ତ୍ତନ ମଣ୍ଡଳୀ,ମା'ମାଉସୀ ଙ୍କ ହୁଳହୁଳି ଓ ଭାଇମାନଙ୍କ ହରିବୋଲ ଶବ୍ଦରେ ମଞ୍ଚ ଉପରକୁ ପାଛୋଟି ନିଅ ।ଯାଇଥିଲାୟ ଏହି କାର୍ଯ୍ୟକ୍ରମ କୁ ଗ୍ରାମବାସୀ ମାନେ ଉଚ୍ଚ ପ୍ରଶଂସା କରିଥିଲେୟ ସୂଚନାଥାଉକି, ସମ୍ପ୍ରତି ସାଧାରଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କଷ୍ଟସାଧ୍ୟ ହୋଇପଡିଥିବା ବେଳେ ଶ୍ରୀ ସତ୍ୟସାଇ ସେବା ସଂଗଠନ ର ପ୍ରଚେଷ୍ଟାରେ ଓଡିଶା ସମେତ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଗ୍ରାମରେ 'ସାଇ ନିର୍ମଳ ଝର' ପ୍ରକଳ୍ପ ମାଧ୍ୟମରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ପ୍ରକ୍ରିୟା ଜାରି ରହିଛି ।

# ଅଙ୍ଗନୱାଡି କର୍ମୀଙ୍କ ବିଶାଳ ଶୋଭାଯାତ୍ରା

ଛତ୍ରପୁର, ୭/୩: ହାତରେ ଏଆ ।ଇଟିୟୁସି ପତାକା ଧରିହଜାର ହଜାର ଅଙ୍ଗନବାଡ଼ି କର୍ମୀ ମାନେ ଇନକ୍ୱିଲାପ ଜିନ୍ଦାବାଦ... ନାରାବାଜି ଦେଇ ନିଜର ହକ ନିମନ୍ତେ ଜିଲ୍ଲାର ସଦରମହକୁମା ଛତ୍ରପୁର ଠାରେ ସେମାନଙ୍କ ଦାବୀ ଗୁଡିକ ପୂରଣ କରିବାକୁ ରଣହୁଙ୍କାର ଦେଇଛନ୍ତି କ୍ଷ ଏହା ସହ କେନ୍ଦ୍ର ରେ ମୋଦି ଓ ରାଜ୍ୟ ରେ ମୋହନ ସରକାର ଙ୍କୁ କଡା ସମାଲୋଚନା କରିଛନ୍ତି କ୍ଷ ସ୍ଥାନୀୟ ଅପରବସ ଷ୍ଟାଣ୍ଡ ଠାରୁ ଏଆ ।ଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ହଜାର ହଜାର ସଦସ୍ୟା ମାନେ ଏକ ବିଶାଳ ଶୋଭାଯାତ୍ରା ରେ ସହର ପରିକ୍ରମା କରି ସ୍ଥାନୀୟ ଶିବକୁମାରପଟ୍ଟନାୟକ ରିଡିଙ୍ଗ ରୁମ ଠାରେ ପହଂଚିଥିଲେ । ସେଠାରେ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ୨ ଦିନିଅ। ସପ୍ତମ ରାଜ୍ୟ ସମ୍ମିଳନୀ ଓ ରୌପ୍ୟ ଜୟନ୍ତୀ ସମାରୋହ ରାଜ୍ୟ ସଭାପତି ଅଶୋକ ଦାଶଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ନିଖିଳ ଭାରତ ଅଙ୍ଗନୱାଡି ୱାର୍କରସ ଫେଡେରେସନର ସାଧାରଣ ସମ୍ପାଦିକା ମାଧୁରୀ କ୍ଷୀରସାଗର ଉଦଘାଟନ କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣା ନୀତି ବିରୋଧ ରେ ବର୍ଷିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ସଂଗ୍ରାମୀ ନେତା ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ଯୋଗଦେଇ ବିଜେପି ନେତୃତ୍ୱାଧୀନ ସରକାର ୧୨ବର୍ଷ ଶାସନ ମଧ୍ୟରେ ଦରବୃଦ୍ଧି, ବେକାରୀ ବୃଦ୍ଧି ସହ ଦେଶର ଭାଇଚାରା ନଷ୍ଟ ହୋଇଛି । ଧର୍ମ ଧର୍ମ ମଧ୍ୟରେ ଘୃଣା ଭାବ ସୃଷ୍ଟି କରି ରାଜନୈତିକ ଫାଇଦା ଉଠାଇବାରେ ବିଜେପି ଅନବରତ ଉଦ୍ୟମ କରୁଛି ବୋଲି ଶ୍ରୀ ରେଡ୍ଡୀ କହିଥିଲେ। ତେଣୁ ଏହା ବିରୋଧ ରେ ଅ ।ନ୍ଦୋଳନ କରିବାକୁ ସେ ଅ ।ହ୍ୱାନ ଦେଇଥିଲେ ।

ସେହିପରି ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ର କାର୍ଯ୍ୟକାରୀ ସଭାପତି ତଥା ଏଆ ।ଇଟିୟୁସି ସାଧାରଣ ସମ୍ପାଦକ ବିଜୟ କୁମାର ଜେନା ଓ ସିପିଆ ।ଇ ରାଜ୍ୟ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର ଯୋଗଦେଇ କହିଥିଲେ ଯେ ଭାଜପା ସରକାର ପୁଞ୍ଜିପତିଙ୍କ ସୁବିଧା ଓ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛନ୍ତି । ଏହା ବିରୋଧ ଲଢେଇ ଅ ।ବଶ୍ୟକତା ରହିଛି । ଏଣୁ ସଂଗଠନ ପକ୍ଷରୁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଙ୍କ ବିଭିନ୍ନ ସୁବିଧା ନେଇ ଅ ।ଗାମୀ ଦିନରେ ଜୋରଦାର ଅ ।ନ୍ଦୋଳନ କରାଯିବ ବୋଲି ସେମାନେ କହିଥିଲେ । ଏହି ସମାରୋହରେ ଏଆ ।ଇଟିୟୁସି ଜିଲ୍ଲା ନେତା ନୀଳକଣ୍ଠ ଦାଶ, ଉତ୍କଳ ମହିଳା ସମିତି ର ଉପସଭାନେତ୍ରୀ ଏନ. ଭାନୁମତି ରେଡ୍ଡୀ, ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ସହ-ସମ୍ପାଦିକା ପ୍ରତିଭା ପାଲ, ଗଞ୍ଜାମ ଜିଲ୍ଲା ସମ୍ପାଦିକା ନର୍ମଦା ନାହାକ,ମାଣିକେଶ୍ୱରୀ ପଟ୍ଟନାୟକ, ବାସନ୍ତୀ ସାହୁ, ପ୍ରତିମା ଦାସ, ଗାୟତ୍ରୀ ପଣ୍ଡା, ଲକ୍ଷ୍ମୀ ପ୍ରଧାନ, ସିଏଚ ଜନାର୍ଦ୍ଦନ ରେଡ୍ଡୀ, ଡ଼ି. ଅ ।ଦିନାରାୟଣ ରେଡ୍ଡୀ ଙ୍କ ସମେତ ସଂଘର ହଜାର ହଜାର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

ଏହି ଅବସର ରେ ସଂଘ ପକ୍ଷରୁ କର୍ମୀ ଙ୍କ ମାସିକ ଭ ।୨୬,୦୦ଟଙ୍କାକୁ ବୃଦ୍ଧି, ସରକାରୀ କର୍ମଚାରୀ ମାନ୍ୟତା, କେନ୍ଦ୍ର ସରକାରଙ୍କ ସୁପାରିଶ ଯଥା ଏ. ଏନ୍ଏମ୍. ଓ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଁ କୋଟା ଧାର୍ଯ୍ୟ, ଶତ ପ୍ରତିଶତ ସୁପରଭାଇଜର ପ୍ରମୋଶନ, ପେନ୍ସନ୍ ବ୍ୟବସ୍ଥା ଏବଂ ଏସ୍.ଏନ୍.ପି.ର ଦର ସଂଶୋଧନ, ଗତ ନିର୍ବାଚନ ସମୟରେ ଘୋଷଣା କରାଯାଇଥିବା ଭ ।ବୃଦ୍ଧି, ଫେସ୍ କ୍ୟାପ୍ଚରିଂ ନାମରେ ଦରମା ବନ୍ଦ କରିବା ବିରୁଦ୍ଧରେ, ଜାତୀୟ ଶିକ୍ଷାନୀତି ୨୦୨୦ ନାମରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଘରୋଇକରଣ କରିବା ପାଇଁ ଉଦ୍ୟମକୁ ପ୍ରତିହତ କରିବାକୁନିମନ୍ତେ ଦାବୀ କରାଯାଇଥିଲା ।

# ଶ୍ରୀ ଜଗନ୍ନାଥ ଦର୍ଶନରେ ଗଲେ ୧୩୧ ଜଣ ବରିଷ୍ଠ ନାଗରିକ

ଅନୁଗୋଳ : ଅ ।ଜି ଅପରାହ୍ନରେ ସ୍ଥାନୀୟ ସଭାଘର ଠାରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ଜିଲ୍ଲାର ୧୩୧ ଜଣ ବରିଷ୍ଠ ନାଗରିକ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଅବସରରେ ଅତିଥିମାନେ ଯୋଗ ଦେଇ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ମାନ୍ୟବର ପାଲଲହଡା ବିଧାୟକ ଶ୍ରୀ ଅଶୋକ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସରକାରଙ୍କର ଅଭିନବ ପ୍ରୟାସର ପ୍ରଶଂସା କରିବା ସହିତ ଯାତ୍ରୀମାନଙ୍କର ନିରାପଦ ଯାତ୍ରା କାମନା କରିଥିଲେ ।ସେହିପରି ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ମହାପ୍ରଭୁଙ୍କ ଅ ।ଶୀର୍ବାଦ ସମସ୍ତଙ୍କ ଉପରେ ରହୁ ଏବଂ ସମସ୍ତେ ଶାନ୍ତିର ସହ ଦର୍ଶନ ସାରି ନିଜ ଘରକୁ ଫେରନ୍ତୁ ବୋଲି କହିଥିଲେ ୟ ୪ ଟି ବସ୍ରେ ସମସ୍ତ ବରିଷ୍ଠ ନାଗରିକଙ୍କ ସହ ଜିଲ୍ଲା ପ୍ରଶାସନ ତରଫରୁ ୪ ଜଣ ଲେଖାଏଁ ଏସକର୍ଟ ଅଫିସର, ପାରା ମେଡିକାଲ ଷ୍ଟାଫ ଓ ଓଡିଶା ରାଜ୍ୟ ସଡକ ପରିବହନ ନିଗମର କର୍ମଚାରୀ ପ୍ରମୁଖ ସାଥିରେ ଯାଇଛନ୍ତି ୟ ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜୟଜିତ ଧଳ, ଜିଲ୍ଲା ଅ ।ପାତ କାଳିନ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ